# ଆୱାର
## ୨୦୨୦କୁ ସ୍ୱାଗତ
# ଜମିଲା ସେଲିବ୍ରେଶନ

ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)/କଟକ ଅଫିସ୍

ମଙ୍ଗଳବାର ୨୦୧୯ର ଶେଷ ସୂର୍ଯ୍ୟ ଅସ୍ତ ହେବା କ୍ଷଣି ସହରରେ ଦେଖିବାକୁ ମିଳିଥିଲା ସେଲିବ୍ରେଶନ। ରଙ୍ଗିନ୍ ଆଲୋକମାଳାରେ ସୁସଜ୍ଜିତ ହୋଇଥିଲା ରାଜଧାନୀର ଦୋକାନ, ବଜାର, ହୋଟେଲ, ମଲ୍। ହୋଟେଲ, ରେସ୍ତୋରାଁ, କ୍ଲବରେ ଜମିଥିବା ସାଂସ୍କୃତିକ ସନ୍ଧ୍ୟା। ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ଯାଏ ମଜା ଉଠାଇଥିଲେ। ବିଶେଷକରି ନୃତ୍ୟରେ ମତୁଆଲା ହୋଇଥିଲେ ଯୁବପିଢ଼ି, ଯୁବ ଦମ୍ପତି। ସମୟ ଗଡ଼ିବା ସହ ଲୋକଙ୍କ ଉତ୍ସାହ ବଢ଼ିବାରେ ଲାଗିଥିଲା। ଅପେକ୍ଷା ଥିବା 'ଜିରୋ ଆୱାର'କୁ। ଯେମିତି ରାତି ୧୨ଟା ହେଲା, ବାଜା, ବାଣ ଫୁଟାଇ ସମସ୍ତେ ସ୍ୱାଗତ କରିଥିଲେ ୨୦୨୦କୁ। ଏହାସହ ନାଚ, ଗୀତିରେ ଜମି ଉଠିଥିଲା ସେଲିବ୍ରେଶନ। ରାଜଧାନୀ ଭୁବନେଶ୍ୱର, କଟକର ବଡ଼ ବଡ଼ କ୍ଲବ ଓ ତାରକା ହୋଟେଲଗୁଡ଼ିକରେ ରାଜ୍ୟ ଏବଂ ରାଜ୍ୟ ବାହାରରୁ ଆସିଥିବା ଡ୍ୟାନ୍ସର, କଣ୍ଠଶିଳ୍ପୀମାନେ ଆକର୍ଷଣୀୟ ନୃତ୍ୟଗୀତ ପରିବେଷଣ କରିଥିଲେ। ଏହି ଧୁମ୍‌ଧଡ଼କା ମଧ୍ୟରେ ଲୋକେ ପୁରୁଣା ବର୍ଷକୁ ବିଦାୟ ଦେବା ସହ ନୂଆ ବର୍ଷକୁ ସ୍ୱାଗତ କରିଥିଲେ। ରାଜଧାନୀର ସ୍ୱସ୍ତି ପ୍ରିମିୟମ ହୋଟେଲରେ ସୌନ୍ଦର୍ଯ୍ୟମୟ ଆଲୋକମାଳା ସାଙ୍ଗକୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଏବଂ ଭଳିକି ଭଳି ଖାଦ୍ୟ ପସରା ଗ୍ରାହକଙ୍କୁ ଆକୃଷ୍ଟ କରିଥିଲା। ବ୍ୟାଙ୍କକ୍‌ରୁ ଆସିଥିବା ସାଲ୍‌ସା ଡ୍ୟାନ୍ସ ଗ୍ରୁପ୍‌ର ଡ୍ୟାନ୍ସ ଏଠାରେ ସ୍ୱତନ୍ତ୍ରତା ରହିଥିଲା। ହୋଟେଲର ଚାଣକ୍ୟ ହଲ୍‌ରେ ଆୟୋଜିତ 'ସିମର ୨୦୨୦'ରେ ଡିଜେ କିରଣ, ଡିଜେ ଅଭିଷେକ ଓ ଡିଜେ ତୁଷାରଙ୍କ ଧୂନ୍‌ରେ ମସ୍‌ଗୁଲ ହୋଇଥିଲେ ଯୁବପିଢ଼ି। ଡିଜେ ଧୂନ୍‌ରେ ସମଗ୍ର ପରିବେଶ କମ୍ପିଥିବାବେଳେ ଅନ୍‌ଲିମିଟେଡ୍ ଖାଦ୍ୟପେୟ ନ୍ୟୁ ଇୟର ପାର୍ଟିକୁ ଜମାଇଥିଲା।

ଜିରୋ ଆୱାର ସେଲିବ୍ରେଶନର ଅନ୍ୟତମ ଫେଭରାଇଟ୍ ଡେଷ୍ଟିନେଶନ ଥିଲା ହୋଟେଲ ହିନ୍ଦୁସ୍ଥାନ ଇଣ୍ଟରନ୍ୟାଶନାଲ୍। ଡିଜେ ନାଇଟ୍ ସାଙ୍ଗକୁ ବଲିଉଡ୍ କଣ୍ଠଶିଳ୍ପୀଙ୍କ ଗୀତରେ ଝୁମିଥିଲେ ଲୋକେ। ଏଠାରେ ବ୍ରାଜିଲ୍‌ର ବେଲି ଡ୍ୟାନ୍ସର୍ ଅଲିଭେରିଆଙ୍କ ନୃତ୍ୟ ବିଶେଷ ଆକର୍ଷଣ ସାଜିଥିଲା। ହୋଟେଲ ମେ ଫେୟାର୍‌ରେ ଫ୍ୟାମିଲି, ଫ୍ରେଣ୍ଡ୍‌ସଙ୍କ ସହ ଜିରୋ ନାଇଟ୍ ସେଲିବ୍ରେଶନ୍‌ର ମଜା ନେଇଥିଲେ ଗ୍ରାହକ। ହୋଟେଲ ଏମ୍ପାୟାର୍ସରେ ମଧ୍ୟ ଅର୍କେଷ୍ଟ୍ରା, ଡ୍ୟାନ୍ସ, ଡିଜେ ଧୂନ୍‌ରେ ଯୁବପିଢ଼ିମାନେ ଝୁମିଥିଲେ। ହୋଟେଲ ପୁଷ୍ପକରେ ସଙ୍ଗୀତ ସାଙ୍ଗକୁ ଡିଜେର ବ୍ୟବସ୍ଥା କରାଯାଇଥିଲା। ଏଠାରେ ଫ୍ୟାଶନ ଶୋ ରହିଥିଲା ମୁଖ୍ୟ ଅକର୍ଷଣ। ହୋଟେଲ ପ୍ରେସିଡେନ୍ସିରେ ଜିରୋ ନାଇଟ୍ ସେଲିବ୍ରେଶନ 'ଡ୍ରିମ୍ ନାଇଟ୍'ରେ ସମସ୍ତେ ଏକାଠି ହୋଇ ଡିଜେ ଓ ଲାଇଟ୍‌ରେ ମନଖୋଲି ନାଚିଥିଲେ। ମାଷ୍ଟରକ୍ୟାଣ୍ଟିନସ୍ଥିତ ଦି ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାରେ ଜିରୋ ଆୱାର ସେଲିବ୍ରେଶନ 'ଗୋଟେ ଖୁସି ଆଉ' ବେଶ୍ ଧୁମ୍‌ଧାମ୍‌ରେ ଆୟୋଜିତ ହୋଇଥିଲା। ଏଠାରେ ସ୍ୱତନ୍ତ୍ର ଥିଲା ଫ୍ୟାଶନ ଶୋ'। ଅନ୍ୟପକ୍ଷରେ ସହରରେ ଥିବା ପୂଜା ଅନୁଷ୍ଠାନ ମଧ୍ୟ ୨୦୧୯କୁ ବିଦାୟ ଦେଇ ୨୦୨୦କୁ ସ୍ୱାଗତ କରିଥିଲେ। ଏହାଛଡ଼ା ରାଜଧାନୀର ବିଭିନ୍ନ ଆପାର୍ଟମେଣ୍ଟ ଓ କଲୋନୀରେ ମଧ୍ୟ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ସମସ୍ତେ ଏକତ୍ର ହୋଇଥିଲେ। ନାଚ, ଗୀତ ସହିତ ବାଣ ଫୁଟାଇ ନିଜ ଆତ୍ମୀୟଙ୍କୁ ନୂଆବର୍ଷର ଅଭିନନ୍ଦନ ଜଣାଇଥିଲେ। କଟକରେ ୟୁନିୟନ କ୍ଲବ, ଓସିଏ କ୍ଲବ, କଟକ କ୍ଲବ ସମେତ କେତେକ ବଡ଼ ହୋଟେଲରେ ନୂଆବର୍ଷକୁ ସ୍ୱାଗତ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ହେଲେ ସବୁଠୁ ଆକର୍ଷଣୀୟ ଥିଲା କ୍ଲବଗୁଡ଼ିକରେ ପରିବେଷିତ ଆଧୁନିକ ନୃତ୍ୟ।


କଟକ ଓସିଏ କ୍ଲବ




ଦି ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା


▲ ଭୁବନେଶ୍ୱର କଳିଙ୍ଗ ଅଶୋକ ହୋଟେଲ

▼ କଟକ କ୍ଲବ





▲ କଟକ ୟୁନିୟନ କ୍ଲବ


କଟକ ଓସିଏ କ୍ଲବ






▲ କଟକ ଓସିଏ କ୍ଲବ


▲ ଭୁବନେଶ୍ୱର ଗ୍ରୀନ୍ ଫିଲ୍ଡ






ପୁରୀ କ୍ଲବ


ପୁରୀର ହୋଟେଲ ଏମ୍ପାୟାର୍ସ


ଭୁବନେଶ୍ୱରର ହୋଟେଲ ଏମ୍ପାୟାର୍ସ

## ବାଇକ୍ ପୋଡ଼ିଲେ ଦୁର୍ବୃତ୍ତ

ବାଲିଅନ୍ତା,୩୧।୧୨(ଡି.ଏନ୍.ଏ.): ବାଲିଅନ୍ତା ଥାନା ଅନ୍ତର୍ଗତ ଗଡ଼ରିଙ୍ଗାରପୁର ଗ୍ରାମର ଅଲେଖ ଜେନାଙ୍କ ଘର ଆଗରେ ଥିବା ବାଇକ୍‌କୁ କେହି ଦୁର୍ବୃତ୍ତ ପୋଡିଦେଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅଲେଖଙ୍କ ପରିବାର ଲୋକ ସୋମବାର ରାତିରେ ଶୋଇଥିଲେ। କେହି ଦୁର୍ବୃତ୍ତ ତାଙ୍କ ଘର ଆଗରେ ଥିବା ବାଇକକୁ ନିଆଁ ଲଗାଇଦେଇଥିଲେ। ଏହା ସହିତ ପାଖରେ ଥିବା ଧାନ ବସ୍ତା ମଧ୍ୟ ଜଳିଯାଇଥିଲା। ଏ ନେଇ ଅଲେଖଙ୍କ ସ୍ତ୍ରୀ କବିତା ଜେନା ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### କ୍ୟାପିଟାଲ ହସ୍ପିଟାଲରେ ଜବରଦଖଲ ଉଚ୍ଛେଦ

**ଭୁବନେଶ୍ୱର, ୩୧।୧୨ (ବ୍ୟୁରୋ):** ବିଡିଏ, ବିଏମ୍‌ସି ଓ କମିଶନରେଟ ପୋଲିସର ମିଳିତ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ କ୍ୟାପିଟାଲ ହସ୍ପିଟାଲ ପରିସରରେ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି। ହସ୍ପିଟାଲ ପରିସରରେ ୧୫ ଟିଫିନ୍ ଷ୍ଟଲ ସହ ୭ ଚା ଷ୍ଟଲ୍ ଓ ଗୋଟିଏ ଆଜ୍‌ବେଷ୍ଟସ୍ ଦୋକାନକୁ ଭାଙ୍ଗି ଦିଆଯାଇଛି। ଖୋର୍ଦ୍ଧା ଜିଲାପାଳଙ୍କ ଦ୍ୱାରା ଜାରି ଚିଠି ନଂ.୫୭୭୭ ଅନୁସାରେ ଏହି ଉଚ୍ଛେଦ କରାଯାଇଥିବା ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି ସୂଚନା ଦେଇଛନ୍ତି। ଉଚ୍ଛେଦ କାର୍ଯ୍ୟରେ ଗୋଟିଏ ବୁଲ୍ ଡୋଜର ନିୟୋଜିତ ଥିବାବେଳେ ଉଚ୍ଛେଦ ଅଧିକାରୀ ପ୍ରମୋଦ ପାତ୍ର, କ୍ୟାପିଟାଲ ଥାନାର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଖାଦ୍ୟଶସ୍ୟ ଉତ୍ପାଦନରେ ୨୦୧୬-୧୭ରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଦର୍ଶନ

### ପ୍ରଧାନମନ୍ତ୍ରୀଙ୍କଠାରୁ କୃଷିମନ୍ତ୍ରୀ ଆଣିବେ କମେଣ୍ଡେସନ ଆୱାର୍ଡ

**ଭୁବନେଶ୍ୱର, ୩୧।୧୨(ବ୍ୟୁରୋ):** ଶସ୍ୟ ଉତ୍ପାଦନ କ୍ଷେତ୍ରରେ ୨୦୧୬-୧୭ରେ ଓଡିଶାର ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି କୃଷି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ କୃଷି ବିଭାଗକୁ ପୁରସ୍କାର ମିଳିବ। ଓଡିଶାକୁ ଏଥିପାଇଁ କମେଣ୍ଡେସନ ଆୱାର୍ଡ ମିଳିବ ବୋଲି ଜଣାପଡିଛି। କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏନେଇ ରାଜ୍ୟ କୃଷି ମନ୍ତ୍ରୀ ଅରୁଣ ସାହୁଙ୍କୁ ଚିଠି ଲେଖି ସୂଚନା ଦେଇଛନ୍ତି। ମନ୍ତ୍ରୀ ଅରୁଣ ସାହୁ ଆସନ୍ତା ୨ ତାରିଖରେ ବାଙ୍ଗାଲୋର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିବେ। ଏଥିଲାଗି କୃଷି ବିଭାଗକୁ ପୁରସ୍କାର ରାଶି ବାବଦରେ ୧ କୋଟି ଟଙ୍କା ମିଳିବ। କାର୍ଯ୍ୟକ୍ରମର ସମୟ ସୂଚୀ ଜଣାଯାଇ ନ ଥିବାବେଳେ ଏନେଇ ଖୁବ୍‌ଶୀଘ୍ର ଅବଗତ କରାଇ ଦିଆଯିବ ବୋଲି ତୋମାର ଚିଠିରେ ଦର୍ଶାଇଛନ୍ତି। ଏହାସହ କେନ୍ଦ୍ରମନ୍ତ୍ରୀ ପୁରସ୍କାର ଗ୍ରହଣ ଲାଗି ରାଜ୍ୟ କୃଷିମନ୍ତ୍ରୀଙ୍କୁ ଯିବାକୁ କହିଥିବା ବେଳେ ସାଙ୍ଗରେ ବିଭାଗୀୟ ସଚିବ ଏବଂ କୃଷି ନିର୍ଦ୍ଦେଶକଙ୍କୁ ଆଣିବାକୁ ମଧ୍ୟ ଜଣାଇଛନ୍ତି। ବୁଧବାର ସନ୍ଧ୍ୟାରେ ମନ୍ତ୍ରୀ ସାହୁ ବାଙ୍ଗାଲୋର ଗସ୍ତ କରିବେ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି।

### ବିଏମ୍‌ସି ଅତିରିକ୍ତ କମିଶନରଙ୍କ ପିତୃ ବିୟୋଗ

**ଭୁବନେଶ୍ୱର, ୩୧।୧୨ (ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅତିରିକ୍ତ କମିଶନର ସୁରଥଚନ୍ଦ୍ର ମଲ୍ଲିକଙ୍କ ପିତା ଶ୍ୟାମସୁନ୍ଦର ମଲ୍ଲିକଙ୍କ ପରଲୋକ ହୋଇଯାଇଛି। ଯାଜପୁର ସ୍ୱରଡ଼ିହସ୍ଥିତ ବାସଭବନରେ ମଙ୍ଗଳବାର ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୯୪ ବର୍ଷ ହୋଇଥିଲା। ମୃତ୍ୟୁ ସମୟରେ ପୁତ୍ର, ପୁତ୍ରବଧୂ, ନାତି ନାତୁଣୀ ଓ ଅନ୍ୟ ପରିବାରବର୍ଗ ଉପସ୍ଥିତ ଥିଲେ।

# ଆନ୍ତଃ ରାଜ୍ୟ କାର୍ ଚୋରି, ଠକ ର୍ୟାକେଟର ପର୍ଦ୍ଦାଫାଶ

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ)/ କଟକରୋଡ୍ (ଡି.ଏନ୍.ଏ.)**




ଜବତ ହୋଇଥିବା କାର ଓ ଗିରଫ ୨ ଅଭିଯୁକ୍ତ।

- ୨ ଗିରଫ,୮ ଦାମୀ କାର୍ ଜବତ
- ଠକେଇର ଶିକାର ହୋଇଥିଲେ ପୋଲିସ ବାବୁ
- ମାଷ୍ଟରମାଇଣ୍ଡକୁ ଧରିବାକୁ ପଶ୍ଚିମବଙ୍ଗରେ ସ୍ପେଶାଲ ସ୍କ୍ୱାଡ୍

ଆନ୍ତଃରାଜ୍ୟ କାର ଚୋରି ଓ ଠକ ର୍ୟାକେଟର ପର୍ଦ୍ଦାଫାଶ କରିଛି କମିଶନରେଟ ପୋଲିସ। ଲୋକଙ୍କୁ ବିଳାସପୂର୍ଣ୍ଣ କାର ଦେବା ଆଳରେ ଠକେଇ କରୁଥିବା ଏହି ର୍ୟାକେଟର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୮କାର ଜବତ କରିଛି। ସେମାନେ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଖମରା ଗ୍ରାମର ଚିନ୍ମୟ ସାହୁ(୩୦) ଓ ଭୁବନେଶ୍ୱର ଲକ୍ଷ୍ମୀସାଗର ଝାରପଡା କେନାଲରୋଡ୍‌ର ଗୋପାଳ ମହାନ୍ତି(୩୪)। ଉଭୟଙ୍କ ଶିକ୍ଷାଗତ ଯୋଗ୍ୟତା ହେଲା ଏମ୍‌ସିଏ ଓ ଏମ୍‌ବିଏ। ଲକ୍ଷ୍ମୀସାଗର ଥାନାରେ ଆଇପିସି ଦଫା ୪୨୦ରେ ମାମଲା (ନଂ-୩୮/୧୯) ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। କମିଶନରେଟ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମିଶନର ଷଡ଼ଙ୍ଗୀ କହିଲେ, ଗତ ନଭେମ୍ବର ୧ରେ ଚିନ୍ମୟ ଖଣ୍ଡଗିରି ଥାନା ଏସ୍‌ଆଇ ସଞ୍ଜୟ କୁମାର ଷଣ୍ଢଙ୍କୁ ଏକ ଚୋରା କାର ବିକ୍ରି ପାଇଁ ଯୋଗାଯୋଗ କରିଥିଲେ। ଏଥିପାଇଁ ପ୍ରଥମେ ତାଙ୍କୁ ଟେଷ୍ଟ୍ ଡ୍ରାଇଭ୍ ପାଇଁ ଲକ୍ଷ୍ମୀସାଗର ଛକକୁ ଡକାଇ କଥା ହୋଇଥିଲେ। ଏହାପରେ ଏସ୍‌ଆଇ ସଞ୍ଜୟ ଉକ୍ତ କାର (ନଂ.ଏଏସ୍-୦୧-ବିଜେଡ୍-୪୯୯୪) ୩ ଦିନ ଡ୍ରାଇଭିଂ କରିବା ପରେ କିଣିବା ପାଇଁ ରାଜି ହୋଇଥିଲେ। କାର୍‌ଟିର ଦାମ ୧୪ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିଲାବେଳେ ସଞ୍ଜୟ ଅଗ୍ରିମ ୮ଲକ୍ଷ ଟଙ୍କା ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଅଭିଯୁକ୍ତମାନେ ସଞ୍ଜୟଙ୍କୁ କାର୍ କିମ୍ବା ଦେଇଥିବା ଟଙ୍କା ଫେରାଇ ନ ଥିଲେ। କାରଣ ସଞ୍ଜୟ ପୋଲିସ ହୋଇଥିବାରୁ ଧରାପଡ଼ିବା ଭୟରେ ଆଉ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ଠକେଇର ଶିକାର ହୋଇଥିବା ଜାଣିବା ପରେ ଏସ୍‌ଆଇ ସଞ୍ଜୟ ଲକ୍ଷ୍ମୀସାଗର ଥାନାରେ ଡିସେମ୍ବର ୨୯ରେ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ସ୍ପେଶାଲ ସ୍କ୍ୱାଡ୍, ଖଣ୍ଡଗିରି ଏବଂ ଲକ୍ଷ୍ମୀସାଗର ପୋଲିସ ଆରମ୍ଭ କରିଥିଲା। ପୋଲିସ ପ୍ରଥମେ ଚିନ୍ମୟଙ୍କୁ ଗିରଫ କରିବା ପରେ ଏହି ର୍ୟାକେଟ ବିଷୟରେ ସୂଚନା ପାଇଥିଲା। ପରେ ଅନ୍ୟତମ ଅଭିଯୁକ୍ତ ଗୋପାଳଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ପଚରାଉଚରାରୁ ଜଣାପଡିଥିଲା ଯେ, ସେମାନେ ପଶ୍ଚିମବଙ୍ଗ ଓ ଅନ୍ୟ ରାଜ୍ୟରୁ ଦାମୀ କାର ଚୋରି କରି ଓଡିଶାରେ ଶସ୍ତାରେ ବିକ୍ରି କରନ୍ତି। ଅନେକ କ୍ଷେତ୍ରରେ କାର୍ ନମ୍ବର ଓ ଚେସିସ୍ ନମ୍ବରକୁ ନକଲି କରି ଜାଲ୍ କାଗଜପତ୍ର ପ୍ରସ୍ତୁତ କରିଥାନ୍ତି। କଲିକତାର ପାପା ନାମକ ଯୁବକ ଏହାର ମାଷ୍ଟର ମାଇଣ୍ଡ। ତେବେ ସେମାନେ ଓଡ଼ିଶାରେ ବହୁ ଚୋରା ଗାଡ଼ି ବିକ୍ରି କରିଥିବା ଜଣାପଡିବା ପରେ ପୋଲିସ ଲୋକମାନେ କିଣିଥିବା ୮ ଚୋରା କାର୍‌କୁ ଜବତ କରିଥିଲା। ମାଷ୍ଟରମାଇଣ୍ଡ ପାପାକୁ ଧରିବା ପାଇଁ ପଶ୍ଚିମବଙ୍ଗରେ ଡେରା ପକାଇଛି ସ୍ପେଶାଲ ସ୍କ୍ୱାଡ୍ ଟିମ୍। ସ୍ଥାନୀୟ ପୋଲିସ ସହଯୋଗରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବାବେଳେ ଗିରଫ ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା କରୁଥିବା ସୂଚନା ମିଳିଛି।




ସୂଚନା ଭବନରେ ଅନୁଷ୍ଠିତ 'ସାମ୍-ଏ-ଗଜଲ' କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଖ୍ୟାତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ପ୍ରଫୁଲ୍ଲ କର, ପ୍ରଣବ ପଟ୍ଟନାୟକ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ ମହାନ୍ତି, ବିଶିଷ୍ଟ କଣ୍ଠଶିଳ୍ପୀ ନାଜିଆ ଆଲମ୍ ଏବଂ ଅନୁସୂଚିତ ଜନଜାତି, ଜାତି ଏବଂ ସଂଖ୍ୟାଲଘୁ କଲ୍ୟାଣ ଉପଦେଷ୍ଟା ମୁନା ଖାଁ ।

## ଅଫିସରଙ୍କୁ ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)**

ଏକାଧିକ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ୨୦୦୮ ବ୍ୟାଚ୍‌ର ବି. ପରମେଶ୍ୱରନ୍‌ଙ୍କୁ ଆଇ.ଜି. ରେଜିଷ୍ଟ୍ରେଶନର ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିଭଳି ୨୦୦୯ ବ୍ୟାଚ୍‌ର ଥିରୁମାଲା ନାୟକଙ୍କୁ ମତ୍ସ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ୨୦୧୨ ବ୍ୟାଚ୍‌ର ନିଖିଲ ପଓନ କଲ୍ୟାଣଙ୍କୁ ରାଉରକେଲା ଉନ୍ନୟନ ସଂସ୍ଥାର ଉପାଧ୍ୟକ୍ଷ ଦାୟିତ୍ୱ ମିଳିଛି। ବିଶାଲ ସିଂଙ୍କୁ ପୁରୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ଡିଆରଡିଏ ଏବଂ ଆବୋଲି ସୁନୀଲ ନର୍ଭାଣେଙ୍କୁ ରାଉରକେଲା ଉନ୍ନୟନ ସଂସ୍ଥାର ସଚିବ ଭାବେ ମଧ୍ୟ ଦାୟିତ୍ୱ ମିଳିଛି।

## ■ ନୂଆବର୍ଷ ମଉଜମଜଲିସ୍ ନେଲା ଜୀବନ

# ଗାଡ଼ି ଚକରେ ଚାପିହୋଇ ଯୁବକ ମୃତ

**ତିଗିରିଆ,୩୧।୧୨(ଡି.ଏନ୍.ଏ.)**

ନୂଆବର୍ଷ ପାଇଁ ମଉଜ ମଜଲିସ କରୁଥିବା ବେଳେ ନଳକୂପ ଖୋଳା ଗାଡ଼ି ଚକାତଳେ ଚାପିହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। କଟକ ଜିଲା ତିଗିରିଆ ଥାନା ଜେମାଦେଈପୁର ପଞ୍ଚାୟତ ଅନ୍ତର୍ଗତ ପଙ୍କାଳ ଛକ ନିକଟ ପେଟ୍ରୋଲ ପମ୍ପ କଡ଼ରେ ଏହି ଦୁର୍ଘଟଣା ଘଟିଛି। ସେ ହେଲେ ଦଶବନ୍ତପୁର ବ୍ଲକର ପବିତ୍ର ମୁଦୁଲି(୧୮)। ଖବରପାଇ ତିଗିରିଆ ଥାନା ଏଏସ୍‌ଆଇ ରତ୍ନାକର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛନ୍ତି। ପବିତ୍ର ଶ୍ରମିକ ଭାବେ ନଳକୂପ ଖୋଳା କାର୍ଯ୍ୟରେ ସାହାଯ୍ୟ କରନ୍ତି। ପ୍ରତିଦିନ ଭଳି ସେ ନିଜ କାର୍ଯ୍ୟ ସାରି କିଛି ସାଥୀଙ୍କ ସହ ମିଶି ନୂଆବର୍ଷ ପାଇଁ ଭୋଜି କରୁଥିଲେ। ମଉଜମଜଲିସ୍ କରିବାକୁ ଯାଇ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ନଳକୂପ ଖୋଳା ଗାଡିକୁ ପଛକୁ ଗଡ଼ାଉଥିବା ବେଳେ ନିକଟରେ ପବିତ୍ର ଛିଡା ହୋଇଥିଲେ। ଗାଡିଚାଳକ ଏହା ଜାଣି ନ ପାରି ତାଙ୍କ ଉପରକୁ ଚଢ଼ାଉ ଦେଇଥିଲେ। ଫଳରେ ପବିତ୍ର ଚକାତଳେ ଚାପି ହୋଇଯାଇଥିଲେ। ଦୁର୍ଘଟଣା ପରେ ଗାଡି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

## ବିଏସ୍‌ସିଏଲ୍ କାର୍ଯ୍ୟାଳୟ ବୁଲିରେ କେନ୍ଦ୍ର ସଚିବାଳୟ ସେବା ଅଧିକାରୀ

# ୭୦ ଦିନ ରହିବେ, ଟ୍ରେନିଂ ନେବେ

**ଭୁବନେଶ୍ୱର, ୩୧।୧୨ (ବ୍ୟୁରୋ)**

କେନ୍ଦ୍ର ସଚିବାଳୟ ସେବା (ସିଏସ୍‌ଏସ୍)ର ୯ଜଣ ଅଧିକାରୀ ମଙ୍ଗଳବାର ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ) ଓ ଭୁବନେଶ୍ୱର ଅପରେଶନ ସେଣ୍ଟର (ବିଓସି) କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅଧିକାରୀମାନେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସେକ୍ରେଟେରିଏଟ୍ ଟ୍ରେନିଂ ଆଣ୍ଡ ମ୍ୟାନେଜ୍‌ମେଣ୍ଟ (ଆଏସ୍‌ଟିଏମ୍) ଅଧୀନରେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଆପେକ୍ସ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ୭୦ ଦିନିଆ ଟ୍ରେନିଂରେ ଆସିଛନ୍ତି। ଭୁବନେଶ୍ୱର ଗୋପବନ୍ଧୁ ଏକାଡେମୀର ମିଳିତ ସହଯୋଗରେ ସେମାନେ ଏଠାରେ ଟ୍ରେନିଂ ନେବେ ବୋଲି ବିଏସ୍‌ସିଏଲ ପକ୍ଷରୁ ସୂଚନା ଦିଆଯାଇଛି।

ଡିସେମ୍ବର ୨୩ରୁ ଟ୍ରେନିଂ ଆରମ୍ଭ ହୋଇଥିବାବେଳେ ଫେବୃୟାରୀ ୨୮ ଯାଏ ଚାଲିବ। ଖଣି ମନ୍ତ୍ରଣାଳୟର ସନ୍ଦୀପ କୁମାର, ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟର ସୁବୋଧ କୁମାର ସୁଧାକର, ବାଣିଜ୍ୟ ମନ୍ତ୍ରଣାଳୟରୁ ଶ୍ରୀତମ ସାମନ୍ତ, ଡିପାର୍ଟମେଣ୍ଟ ଅଫ୍ ପର୍ସୋନେଲ ଆଣ୍ଡ ଟ୍ରେନିଂ (ଡିଓପିଟି)ରୁ ଧନଞ୍ଜୟ ପ୍ରସାଦ ସିଂ ଓ ଦେବେନ୍ଦ୍ର କୁମାର ଏବଂ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟରୁ ନିର୍ମଳ କୁମାର ଭଗତ, ସୁନୀଲ କୁମାର, କବିତା ଝା ଓ ରତ୍ନାକର ଝା ଏହି ଟ୍ରେନିଂ ନେବା ପାଇଁ ଆସିଛନ୍ତି। ତେବେ ବିଏସ୍‌ସିଏଲ ଓ ବିଓସି କାର୍ଯ୍ୟାଳୟ ପରିଦର୍ଶନ ସମୟରେ ବିଏସ୍‌ସିଏଲ ଇଞ୍ଜିନିୟରିଂ ବିଭାଗର ଜେନେରାଲ ମ୍ୟାନେଜର ଅଶ୍ୱିନୀ କୁମାର ବିଶ୍ୱାଳ, ମୁଖ୍ୟ ବିତ୍ତ ଅଧିକାରୀ ମନୋରଞ୍ଜନ ସାମନ୍ତରାୟ ଓ ପ୍ରଶାସନିକ ଓ ସ୍ୱତନ୍ତ୍ର ପ୍ରକଳ୍ପର ଜେନେରାଲ ମ୍ୟାନେଜର ଦୀପ୍ତି ରଞ୍ଜନ ସାହୁ, କମ୍ପାନୀ ସେକ୍ରେଟାରୀ ଅଜୟ କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ଟ୍ରେନି ଅଧିକାରୀମାନେ ବିଭିନ୍ନ ପ୍ରକଳ୍ପ ସଂକ୍ରାନ୍ତରେ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ଅଧିକାରୀମାନେ ଦୁଇ ଭାଗ ହୋଇ ବିଭିନ୍ନ ଜିଲାକୁ ଗସ୍ତ କରି ଜ୍ଞାନ ଆହରଣ କରିବେ ବୋଲି ଜଣାପଡିଛି।

# 'ଡଷ୍ଟବିନ୍' ଲୋକାର୍ପିତ



**ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)**

ଆଇଓ୍ୱାଇଏ ନ୍ୟୁଜ୍‌ର ବାର୍ଷିକ ଉତ୍ସବ ସୋମବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରଜନୀକାନ୍ତ ସିଂହ, ବିଶିଷ୍ଟ ଲେଖକ ହରପ୍ରସାଦ ଦାସ, ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା, ଟ୍ରାଫିକ୍ ଡିସିପି ସାଗରିକା ନାଥ, ସାମାଜିକକର୍ମୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଲେଖିକା ସ୍ନିଗ୍ଧା ତ୍ରିପାଠୀଙ୍କ ପ୍ରଥମ ଗଳ୍ପ ସଙ୍କଳନ 'ଡଷ୍ଟବିନ୍' ଲୋକାର୍ପିତ ହୋଇଥିଲା। ସମାଜରେ ଘଟୁଥିବା ଘଟଣା ଓ ସାମାଜିକ ସ୍ଥିତିକୁ ଲକ୍ଷ୍ୟ କରି ପୁସ୍ତକ ମାଧ୍ୟମରେ ସମାଜ ପାଇଁ ଅନେକ ସଚେତନତାର ବାର୍ତ୍ତା ଦିଆଯାଇଛି। ପୁସ୍ତକରେ ୧୬ଟି ଗଳ୍ପ ସ୍ଥାନ ପାଇଛି। ଏହି ପରିପ୍ରେକ୍ଷୀରେ ସ୍ନିଗ୍ଧା ତ୍ରିପାଠୀଙ୍କ ସମେତ ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

## ■ ଅଭିନେତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କ ନାମରେ ଆସିଲା ଅଭିଯୋଗ

# ଫିଲ୍ମରେ ହିରୋ କରାଇଦେବା ଆଳରେ ୧୧ଲକ୍ଷ ଠକେଇ

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ)**

- ଅଭିନେତ୍ରୀ ଓ ପୁରୁଷ ବନ୍ଧୁ ଫେରାର
- ଲିଖିତ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ : ଡିସିପି

ବିବାହ କରିବା ଆଳରେ ବିଶାଖାପାଟଣାର ପଦ୍ମାରାଜୁ ଶିବକୁମାରଙ୍କଠାରୁ ଠକେଇ କରିଥିବା ଓଲିଉଡ୍ ଅଭିନେତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କ ନାମରେ ଅଭିଯୋଗର ତାଲିକା ଲମ୍ବିବାରେ ଲାଗିଛି। ମଙ୍ଗଳବାର କଟକର ଜଣେ ବ୍ୟବସାୟୀ ଆଉ ଏକ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଓଡ଼ିଆ ଫିଲ୍ମରେ ହିରୋ କରାଇ ଦେବାକୁ କହି ଅଭିନେତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁ ୧୧ଲକ୍ଷ ଟଙ୍କା ଠକି ନେଇଥିବା ସେ ଗଣମାଧ୍ୟମକୁ ଜଣାଇଛନ୍ତି। ଏହାସହ ବ୍ୟବସାୟୀ ଜଣକ ଅଭିନେତ୍ରୀଙ୍କ ପୁରୁଷ ବନ୍ଧୁଙ୍କ ସହ ହୋଇଥିବା ବାର୍ତ୍ତାଳାପର ଅଡିଓ ମଧ୍ୟ ଦେଇଛନ୍ତି। ବ୍ୟବସାୟୀ ଜଣକ କହିଛନ୍ତି, ଦୁଇବର୍ଷ ତଳେ ଉକ୍ତ ଟଙ୍କା ନେଇଥିଲେ ମଧ୍ୟ ଫିଲ୍ମରେ ରୋଲ୍ ଦେଇ ନ ଥିଲେ। ଟଙ୍କା ମାଗିଥିଲେ ମଧ୍ୟ ସେ ଧରାଛୁଆଁ ଦେଇ ନ ଥିଲେ। ଏପରି କି ଥାନାରେ ଅଭିଯୋଗ କଲେ ବଳାତ୍କାର ମାମଲାରେ ଫସାଇଦେବୁ ବୋଲି ଧମକ ଦେଇଥିଲେ। ସେ ଭୟରେ ଥାନାରେ ଅଭିଯୋଗ କରି ନ ଥିବା ବ୍ୟବସାୟୀଜଣକ କହିଛନ୍ତି। ଅନ୍ୟପକ୍ଷେ ଗୋଟିଏ ପରେ ଗୋଟିଏ ଅଭିଯୋଗ ଆସୁଥିବାରୁ ଗିରଫ ଭୟରେ ଅଭିନେତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁ ଫେରାର ହୋଇଯାଇଥିବା ସୂଚନା ମିଳିଛି। ସେମାନଙ୍କ ଫୋନ୍ ମଧ୍ୟ ବନ୍ଦ ରହିଥିବାରୁ ସନ୍ଦେହ ଦୃଢ଼ୀଭୂତ ହୋଇଛି। ସୂଚନାଯୋଗ୍ୟ, ଅଭିନେତ୍ରୀ ଜଣକ ବିଶାଖାପାଟଣାର ଶିବ କୁମାରଙ୍କଠାରୁ ବିବାହ ପ୍ରତିଶ୍ରୁତି ଦେଇ ଅଢେଇ ଲକ୍ଷ ଟଙ୍କା, ସୁନାଚେନ୍ ଓ ଲାପ୍‌ଟପ୍ ଠକି ନେଇଥିଲେ। ଫିଲ୍ମରେ ରୋଲ୍ ଦେବାକୁ କହି ବ୍ରହ୍ମପୁରର ଜଣେ ଯୁବକଙ୍କଠାରୁ ୧୦ ହଜାର ଟଙ୍କା ଠକେଇ କରିଥିଲେ। ଝାରସୁଗୁଡାର ଜଣେ ଯୁବକଙ୍କୁ ପ୍ରେମରେ ଫସାଇ ୪ ଲକ୍ଷ ଟଙ୍କା ନେଇଥିଲେ। ଏ ନେଇ ଡିସିପି ଅନୁପ କୁମାର ସାହୁ କହିଛନ୍ତି, ଲିଖିତ ଅଭିଯୋଗ ହେବା ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ■ ରାଜ୍ୟସ୍ତରୀୟ ବୀରତା ଦିବସ

# ଦେଶ ପାଇଁ ଶହୀଦ ମାଧୋ ସିଂହଙ୍କ ପରିବାରର ବଳିଦାନ ଅବିସ୍ମରଣୀୟ

**ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)**

ଦେଶର ସ୍ୱାଧୀନତା ପାଇଁ ଅନେକ ବୀର ଜୀବନ ଦେଇଛନ୍ତି। ୧୮୫୭-୫୮ ମସିହା ସମୟରେ ବ୍ରିଟିଶ୍ ଶାସକଙ୍କ ବିରୋଧରେ ଚଳାଇଥିବା ସଂଗ୍ରାମରେ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କୁ ବିଭିନ୍ନ ଅଞ୍ଚଳରୁ ସହଯୋଗ ମିଳିଥିଲା। ତନ୍ମଧ୍ୟରୁ ବରଗଡ଼ ଜିଲା ଘେଁସ ଜମିଦାର ମାଧୋ ସିଂହ ବରିହା ଓ ତାଙ୍କ ପରିବାର ସଦସ୍ୟଙ୍କ ଅବଦାନ ଅତୁଳନୀୟ ଥିଲା। ଶହୀଦ ମାଧୋ ସିଂହଙ୍କ ଭଳି ଆମ ରାଜ୍ୟର ବହୁ ସଂଗ୍ରାମୀ ଦେଶ ପାଇଁ ପ୍ରାଣବଳି ଦେଇଛନ୍ତି। ସେମାନଙ୍କ ସମ୍ପର୍କରେ ଅଧିକ ଗବେଷଣା ଓ ଆଲୋଚନା ହେଲେ ଏହା ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି। ମଙ୍ଗଳବାର ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବୀରତା ଦିବସରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସୂଚନାଯୋଗ୍ୟ, ଶହୀଦ ମାଧୋ ସିଂହଙ୍କ ଫାଶୀ ଦିବସକୁ ରାଜ୍ୟ ସରକାରଙ୍କ ତରଫରୁ ପ୍ରତିବର୍ଷ ବୀରତା ଦିବସ ରୂପେ ପାଳନ କରାଯାଉଛି।

ଏହି ଅବସରରେ ଦେଶ ପାଇଁ ଘେଁସ ପରିବାରର ଅବଦାନ ପ୍ରତି ସମ୍ମାନ ଜଣାଇ ସେହି ପରିବାରର କୁଳବଧୂ ମମତା ସିଂହ ବରିହାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ସୁଶାନ୍ତ ସିଂହ ସମ୍ମାନିତ ଅତିଥିଭାବେ ଯୋଗଦେଇ ଘେଁସ ପରିବାରର ବଳିଦାନର ଗରିମାମୟ ଇତିହାସ ସମ୍ପର୍କରେ ପାଠ୍ୟପୁସ୍ତକରେ ସ୍ଥାନିତ କରାଯିବାକୁ ଉଦ୍ୟମ କରାଯିବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ପୂର୍ବତନ ସାଂସଦ ପ୍ରଭାସ ସିଂ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ସୁବାସ ଚୌହାନ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଫେସର ପ୍ରୀତୀଶ ଆଚାର୍ଯ୍ୟ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱ ବିଦ୍ୟାଳୟସ୍ତରୀୟ ଓଡ଼ିଆ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ଓ ଶହୀଦ କୁଞ୍ଜଳ ସିଂହ କ୍ଲବ୍‌ର ସଭାପତି ଅଶୋକ ପୁଝାହାରୀ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ■ ଶ୍ରୀଲିଙ୍ଗରାଜ ମନ୍ଦିର ପାର୍ଶ୍ୱରୁ ଉଚ୍ଛେଦ ସରିଲା

# ବଦଳୁଛି ମନ୍ଦିର ପାରିପାର୍ଶ୍ୱିକ ପରିବେଶ

**ଭୁବନେଶ୍ୱର, ୩୧।୧୨ (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର (ଡି.ଏନ୍.ଏ.)**

**ଜୋର୍‌ସୋର୍‌ରେ ଚାଲିଛି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ**



ଲିଙ୍ଗରାଜ ମନ୍ଦିର ପାଖରେ ଥିବା ଭଜନ ମଣ୍ଡପକୁ ଉଚ୍ଛେଦ କରାଯାଉଛି।

ଶ୍ରୀଲିଙ୍ଗରାଜ ମନ୍ଦିର ପାର୍ଶ୍ୱରୁ ଉଚ୍ଛେଦ ପ୍ରାୟତଃ ସରି ଆସିଛି। ଏପଟେ ଆରମ୍ଭ ହୋଇଯାଇଛି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ। ପୁରୁଣା ମାର୍କେଟ କମ୍ପ୍ଲେକ୍ସ ସ୍ଥାନ ଓ ଭଜନ ମଣ୍ଡପ ସ୍ଥାନକୁ ଏକାକାର କରାଯିବାପରେ ମନ୍ଦିର ସମ୍ମୁଖ ସୌନ୍ଦର୍ଯ୍ୟକରଣକୁ ଆହୁରି ବ୍ୟାପକ କରାଯିବ ବୋଲି ବିଏମ୍‌ସି ଅତିରିକ୍ତ କମିଶନର ଅବନୀ ପଟ୍ଟନାୟକ କହିଛନ୍ତି। ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ କାର୍ଯ୍ୟ ତଦାରଖବେଳେ ପଟ୍ଟନାୟକ କହିଲେ, ନିର୍ଦ୍ଧାରିତ ସମୟ ପୂର୍ବରୁ ଉଚ୍ଛେଦ କାର୍ଯ୍ୟ ସରୁଛି। ସେହିଭଳି ନିର୍ଦ୍ଧାରିତ ସମୟ ପୂର୍ବରୁ ହିଁ ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ବିଏମ୍‌ସି, ବିଡିଏ ଓ ଆର୍ ଆଣ୍ଡ ବି ବିଭାଗ ଶତପ୍ରତିଶତ ଉଦ୍ୟମ ଜାରି ରଖିଛନ୍ତି। ତେଣୁ ଖୁବ୍ କମ୍ ଦିନରେ ବିକାଶ କାର୍ଯ୍ୟ ସରିବ। ଅନ୍ୟପକ୍ଷରେ ମଙ୍ଗଳବାର ଭଜନ ମଣ୍ଡପର ଉଚ୍ଛେଦ କାର୍ଯ୍ୟ ଶେଷ ହୋଇଛି। ଏକ ଘରୋଇ ଠିକା ସଂସ୍ଥା ଏହାର ଉଚ୍ଛେଦ କାର୍ଯ୍ୟ ସାରିଛି। ଏବେ ନିର୍ମାଣର ଭଗ୍ନାବଶେଷ ଉଠାଯିବ। ବର୍ତ୍ତମାନ ମନ୍ଦିର ପାରିପାର୍ଶ୍ୱିକ ପରିବେଶର ଏକ ଭିନ୍ନ ରୂପରେଖ ଦେଖିବାକୁ ମିଳିଲାଣି। ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଏବେ ଦ୍ରୁତ ଗତିରେ ଚାଲିଥିବାବେଳେ ଯେଉଁ ସ୍ଥାନରେ ଗାଡି ପାର୍କିଂ କରାଯାଉଥିଲା, ସେ ସ୍ଥାନରେ ଏବେ ଟାଇଲ ଖଞ୍ଜା ଚାଲିଛି। ଦିନେ ଦୁଇ ଦିନ ମଧ୍ୟରେ ଏହି କାମ ସରିବା ପରେ ଚତୁଃପାର୍ଶ୍ୱରେ ଗଛ ଲଗାଯିବ ଓ ପର୍ଯ୍ୟଟକଙ୍କ ବସିବା ପାଇଁ ବେଞ୍ଚ ଲଗାଯିବ। ଏବେ ପ୍ରାଥମିକ ଭାବେ ପୁରୁଣା ମାର୍କେଟ କମ୍ପ୍ଲେକ୍ସ ସ୍ଥାନରେ ବଡ଼ ବଡ଼ ଗଛ ରଖାଯାଇଥିବାବେଳେ ବେଞ୍ଚ ସ୍ଥାପନ ସରିଛି। ମନ୍ଦିର ସମ୍ମୁଖ ଦେବୀପାଦହରା ପୁଷ୍କରିଣୀ ପାର୍ଶ୍ୱରୁ ସମସ୍ତ ଉଚ୍ଛେଦ ପରେ ଏବେ ପରବର୍ତ୍ତୀ କାର୍ଯ୍ୟ ଜାରି ରହିଛି ବୋଲି ଅତିରିକ୍ତ କମିଶନର ପଟ୍ଟନାୟକ କହିଛନ୍ତି।

### ସ୍ଥାନାନ୍ତର ହେଲା ବଡ଼ ଏଲ୍‌ଇଡି ବୋର୍ଡ

ଭଜନମଣ୍ଡପ ଭଙ୍ଗା ଯିବା ପରେ ଏହା ପାର୍ଶ୍ୱରେ ଥିବା ବଡ଼ ଏଲ୍‌ଇଡି ବୋର୍ଡକୁ ମଙ୍ଗଳବାର ନୂଆ ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସ ନିକଟକୁ ସ୍ଥାନାନ୍ତର କରାଯାଇଛି। ଏହି ଏଲ୍‌ଇଡିରେ ଏକାମ୍ର କ୍ଷେତ୍ରର ପର୍ଯ୍ୟଟନ ସ୍ଥଳଗୁଡିକୁ ପ୍ରଦର୍ଶନ ଓ ନିୟମିତ ଭାବେ ସୂଚନା ଦିଆଯାଇଥାଏ। ଏଥିସହ ମହାଶିବରାତ୍ରି ସମୟରେ ବିଭିନ୍ନ ସଚେତନତା ବାର୍ତ୍ତା ମଧ୍ୟ ସେଥିରେ ରହିଥାଏ।

**କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, କଟକ**
ନିମ୍‌ଚଉଡ଼ି, କଟକ-୭୫୩୦୦୨
ଫୋନ୍ ନଂ.(PBX) : ୦୬୭୧-୨୩୩୯୭୦୦, ଫ୍ୟାକ୍ସ-୦୬୭୧-୨୫୦୯୨୦୬

**ଦୀର୍ଘ ୬୩ ବର୍ଷଧରି ନିରବଚ୍ଛିନ୍ନ ଭାବରେ ଚାଷ ଓ ଚାଷୀର ସେବାରେ ଉତ୍ସର୍ଗୀକୃତ ସମବାୟ ବ୍ୟାଙ୍କ**

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଭୁକ୍ତ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ସମସ୍ତ ଚାଷୀଭାଇମାନଙ୍କୁ ଅନୁରୋଧ, ନିଜ ଅଞ୍ଚଳରେ ଥିବା ସେବା ସମବାୟ ସମିତିରେ ସଭ୍ୟଭୁକ୍ତ ହୋଇ କିଷାନ କ୍ରେଡ଼ିଟ କାର୍ଡ ମାଧ୍ୟମରେ ସ୍ୱଳ୍ପ ସୁଧରେ କୃଷି ଋଣ ଓ ଅନ୍ୟାନ୍ୟ ସୁବିଧା ଗ୍ରହଣ କରନ୍ତୁ। କିଷାନ କ୍ରେଡ଼ିଟ କାର୍ଡଧାରୀ ଚାଷୀଭାଇମାନେ ସମିତିରେ ଋଣ ସୁଝିବା ସମୟରେ ରାଜ୍ୟ ସମବାୟ ବ୍ୟାଙ୍କର ଛାୟା ଛବିଥିବା ରସିଦ୍ ନେବାକୁ ଭୁଲନ୍ତୁ ନାହିଁ। କୌଣସି ପରିସ୍ଥିତିରେ KCC Pass Book ଓ Cheque ବହି ସମିତି ସମ୍ପାଦକ କିମ୍ବା ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ନ ଦେଇ ନିଜେ ଆସି ଶାଖା ବ୍ୟାଙ୍କରୁ ଋଣ ଗ୍ରହଣ କରନ୍ତୁ। ଆପଣଙ୍କ ଅସାବଧାନତା ଯୋଗୁଁ ଅନ୍ୟ କେହି ଆପଣଙ୍କ ନାମରେ, ଆପଣଙ୍କ KCC Cheque ମାଧ୍ୟମରେ ଋଣ ଗ୍ରହଣ କଲେ ଏଥିପାଇଁ ଆପଣ ହିଁ ଦାୟୀ ରହିବେ। ଆପଣଙ୍କ ସ୍ୱାକ୍ଷର ଥିବା KCC ଚେକ୍ କୌଣସି ସମିତି/ବ୍ୟାଙ୍କ କର୍ମଚାରୀ ଅଥବା ତୃତୀୟ ପକ୍ଷକୁ ହସ୍ତାନ୍ତର କରନ୍ତୁ ନାହିଁ। ଯେଉଁ ଚାଷୀଭାଇମାନେ ଋଣ କିସ୍ତି ତାରିଖ କିମ୍ବା ତା ପୂର୍ବରୁ କୃଷି ଋଣ ପରିଶୋଧ ନ କରିବେ ସେମାନେ ସୁଧ ରିହାତି ହରାଇବା ସହିତ ଖିଲାପି ସୁଧ ବାର୍ଷିକ ୧୩.୭୫% ହାରରେ ପରିଶୋଧ କରିବେ।

**ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଖୋର୍ଦ୍ଧା**
୧୦୩ ତମ ବାର୍ଷିକ ସାଧାରଣ ସଭା ନୋଟିସ୍

**ନୋଟିସ୍ ନଂ.2496(A)** — **ତା.୨୪।୧୨।୨୦୧୯ରିଖ**

ଏତଦ୍ୱାରା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧାର ସମସ୍ତ ଅଂଶୀଦାରମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୧୦୩ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା୧୦।୦୧।୨୦୨୦ରିଖ ଶୁକ୍ରବାର ପୂର୍ବାହ୍ନ ୧୧.୦୦ଘଟିକା ସମୟରେ ଖୋର୍ଦ୍ଧା ସ୍ଥିତ ବିଡିଏ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ। ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ଯୋଗଦାନକରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁରୋଧ।

**ସଭାପତିଙ୍କ ନିର୍ଦ୍ଦେଶକ୍ରମେ**
**ସ୍ୱା./- ସୁବାଷ ଚନ୍ଦ୍ର ମିଶ୍ର**
**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**

**କାର୍ଯ୍ୟସୂଚୀ-**
୧. ତା.୦୭।୦୩।୨୦୧୯ ରିଖରେ ଅନୁଷ୍ଠିତ ହୋଇଥିବା ୧୦୨ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ। ୨. ୨୦୧୮-୧୯ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ। ୩. ଗତ ୨୦୧୮-୧୯ବର୍ଷର ସମୀକ୍ଷା ପତ୍ର ଓ ତତ୍ ସଂଲଗ୍ନ ଆୟ, ବ୍ୟୟ, ପ୍ରାପ୍ୟ, ଦେୟ ହିସାବ ପଠନ ଓ ଅନୁମୋଦନ। ୪. ୨୦୧୮-୧୯ବର୍ଷର ନିଟ୍ ଲାଭର ବିନିଯୋଗ ପ୍ରସ୍ତାବ ଗ୍ରହଣ। ୫. ବ୍ୟାଙ୍କର ଆଗାମୀ ୨୦୨୦-୨୧ବର୍ଷର ଆୟ ବ୍ୟୟ ଅଟକଳ(ବଜେଟ୍) ଅନୁମୋଦନ। ୬. ଆଗାମୀ ୨୦୨୦-୨୧ବର୍ଷ ପାଇଁ ବ୍ୟବସାୟିକ ଅଭିବୃଦ୍ଧି ଯୋଜନା ପଠନ ଓ ଦୃଢ଼ୀକରଣ। ୭. ବ୍ୟାଙ୍କର ଏକକାଳୀନ ଋଣ ପରିଶୋଧ ଯୋଜନାରେ ଚଳିତ ବର୍ଷର କ୍ଷତିର ଭରଣା ଓ ଏହି ଯୋଜନା ୨୦୨୦-୨୧ବର୍ଷ ନିମିତ୍ତ କାର୍ଯ୍ୟକାରୀ କରିବା ପ୍ରସ୍ତାବ ଅନୁମୋଦନ। ୮. ବୃତ୍ତାନ୍ତ 'କ' ଶ୍ରେଣୀ ସଭ୍ୟ ଅନୁମୋଦନ। ୯. ବ୍ୟାଙ୍କର ଅନାଦେୟ ଋଣ ଆଦାୟ ନିମନ୍ତେ SARFAESI Act-2002 କାର୍ଯ୍ୟକାରୀ କରିବାର ଅନୁମୋଦନ। ୧୦. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)

ପରିପତ୍ର ନଂ.2497 (A) — ତାରିଖ: ୨୪।୧୨।୨୦୧୯
ଏହାର ଏକକିତା ନକଲ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ସମସ୍ତ ଅଂଶୀଦାର ଓ ସମିତି ସମ୍ପାଦକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

**ସ୍ୱା./- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**

ବି.ଦ୍ର.- ପ୍ରକାଶ ଥାଉକି ବିଡିଏ କଲ୍ୟାଣ ମଣ୍ଡପ, ଖୋର୍ଦ୍ଧାଠାରେ ଉକ୍ତ ଦିନ ସକାଳ ୯.୩୦ ଘଟିକାଠାରୁ ନାମ ପଞ୍ଜୀକରଣ କରାଯିବ। ପ୍ରତ୍ୟେକ ସଭ୍ୟ ସମିତିର ସଭାପତି / ଉପସଭାପତି / ସଭ୍ୟ ଏଥି ସହ ସଂଲଗ୍ନିତ ନମୁନା ନିର୍ଦ୍ଧାରଣ ସହିତ ସାଧାରଣ ସଭାରେ ପ୍ରତିନିଧିତ୍ୱ କରିବା ପାଇଁ ପଠାଇବେ।

## ଶ୍ରୀମନ୍ଦିରରେ ନୀତି ସଅଳ



# ରାତି ସାଢ଼େ ୯ଟାରେ ହେଲା ପହୁଡ଼

**ପୁରୀ ଅଫିସ, ୩୧।୧୨**

ନୂଆବର୍ଷ ପ୍ରଥମ ଦିନରେ ମହାପ୍ରଭୁଙ୍କୁ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ଦର୍ଶନାର୍ଥୀଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦେଇଛି ପ୍ରଶାସନ। ଜିଲା ପ୍ରଶାସନ, ପୋଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମହାପ୍ରଭୁଙ୍କ ନୀତିକାନ୍ତି ଠିକ୍ ସମୟରେ ହେବା ଏବଂ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ମନ୍ଦିର ପ୍ରଶାସନ ନୂଆବର୍ଷ ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରିଥିଲା। ୩୧ ତାରିଖ ରାତି ୧୦ଟାରୁ ସାଢେ ୧୦ଟା ମଧ୍ୟରେ ପହୁଡ଼ ହେବାକୁ ସ୍ଥିର କରାଯାଇଥିଲା।ଏଥିପାଇଁସକାଳୁସେବକମାନଙ୍କ ସହଯୋଗରେ ନୀତିକାନ୍ତି ସଅଳ ହୋଇଛି। ରାତି ସାଢେ ୯ଟାରେ ରାତ୍ର ପହୁଡ଼ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ନୂଆବର୍ଷ ନୀତିକାନ୍ତି ନିର୍ଘଣ୍ଟ ସମୟରେ କରିବା ଲାଗି ସୋମବାର ରାତି ୩ଟା ୪୦ରେ ଦ୍ୱାର ଫିଟା ଯାଇଥିଲା। ଭୋର ୪ଟା ୨୦ରେ ମଙ୍ଗଳ ଆଳତି ସରିଥିଲା। ଏହାପରେ ଅନ୍ୟାନ୍ୟ ନୀତି ସଅଳ ହୋଇଥିଲା। ରାତି ପ୍ରାୟ ୯ଟାରେ ବଡ ସିଂହାର ଭୋଗ ସରି ରାତି ସାଢେ ୯ଟାରେ ପହୁଡ଼ ହୋଇଛି। ତେବେ ନୂଆବର୍ଷରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସିବେ। ତେଣୁ ସଅଳ ମହାପ୍ରସାଦ ବାହାର କରିବା ଲାଗି ମଧ ସେବାୟତଙ୍କ ସହ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଆଲୋଚନା କରିଛନ୍ତି। ନୂଆବର୍ଷରେ ଭକ୍ତମାନେ ଯେପରି ଶୃଙ୍ଖଳାର ସହ ଦର୍ଶନ କରିବେ ତାହାର ବ୍ୟବସ୍ଥା କରାଯାଇଛି। ବ୍ୟାପକ ପୋଲିସ କର୍ମଚାରୀ ସାଙ୍ଗକୁ ୟୁଥ୍ ଫର ବେଟର ପୁରୀ (ୱାଇବିପି)ର ପ୍ରାୟ ୧୦୦ ସ୍ୱେଚ୍ଛାସେବୀ ଶ୍ରୀମନ୍ଦିର ଭିତରେ ଏବଂ ବାହାରେ ରହିବେ। ୱାଇବିପି ସ୍ୱେଚ୍ଛାସେବୀମାନେ ଭିତରେ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ସହ ପୋଲିସକୁ ସହଯୋଗ କରିବେ। ମଙ୍ଗଳବାର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ, କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ ପ୍ରମୁଖ ପ୍ରଶାସନିକ ଅଧିକାରୀ ଏ ସବୁ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି।







ନୂଆବର୍ଷ ୨୦୨୦କୁ ସ୍ୱାଗତ ଜଣାଇ ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁ ତିଆରି କରିଥିବା ବାଲୁକା କଳା।

# ଦିଲ୍ଲୀରେ ଓଡ଼ିଆ ଶିଳ୍ପୀଙ୍କ ଚିତ୍ର ପ୍ରଦର୍ଶନୀ 'ଭୋଏଜ୍'

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ)**

ନୂଆଦିଲ୍ଲୀଠାରେ ରାଷ୍ଟ୍ରୀୟ ଲଳିତକଳା ଏକାଡେମୀ ପ୍ରଦର୍ଶନୀ କକ୍ଷରେ ୭ଜଣ ଓଡ଼ିଆ ଯୁବ ଚିତ୍ରଶିଳ୍ପୀଙ୍କ ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ 'ଭୋଏଜ୍' ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ପ୍ରଦର୍ଶନୀକୁ ଲଳିତକଳା ଏକାଡେମୀର ଭାରପ୍ରାପ୍ତ ସଚିବ ରାମକୃଷ୍ଣ ବେଦାଲା ଉଦ୍‌ଘାଟନ କରି ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଦର୍ଶନୀରେ ଓଡ଼ିଆ ଯୁବଶିଳ୍ପୀ ଅଶୋକ ମହାକୁର, ହୃଦୟାନନ୍ଦ ପଟ୍ଟନାୟକ, ରଜନୀକାନ୍ତ ସାହୁ, ପ୍ରଦୀପ ସାହୁ, ଜୟଶ୍ରୀ ଜେନା, ସତ୍ୟରଞ୍ଜନ ସାହୁ ଓ ରଶ୍ମିରଞ୍ଜନ ରାଉତଙ୍କ ବିଭିନ୍ନ ଶୈଳୀ, ଆକାର ଓ ଅଙ୍ଗ ବିନ୍ୟାସ ଉପରେ ଚିତ୍ର ପର୍ଯ୍ୟବସିତ ହୋଇଥିଲା। ଯାହା ତାଙ୍କର ସୃଜନାତ୍ମକ ସୌନ୍ଦର୍ଯ୍ୟବୋଧର ପରିଭାଷାକୁ ପରିପ୍ରକାଶ କରିଛି। ପ୍ରଦର୍ଶିତ ଚିତ୍ରକଳାଗୁଡ଼ିକ ମାନବୀୟ ସତ୍ତାର ବୌଦ୍ଧିକ, ଆଧ୍ୟାତ୍ମିକ ଓ ରାଜନୈତିକ ବିଚାରଧାରା ଦ୍ୱାରା ପ୍ରଭାବିତ। ଉକ୍ତ ପ୍ରଦର୍ଶନୀଟି ଦିଲ୍ଲୀର ବହୁ ବରିଷ୍ଠ ଚିତ୍ରକର, ଦିଲ୍ଲୀରେ ଥିବା ଓଡିଆ ଚିତ୍ରକର ଏବଂ କଳାନୁରାଗୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା।

# ସଂଘର୍ଷର ସନ୍ତକ ଦେଲା '୧୯'

**କଟକ ଅଫିସ, ୩୧।୧୨**

**ପଦ୍ମଶ୍ରୀ ଡି. ପ୍ରକାଶ ରାଓ**



ପିଲାଟି ବେଳୁ ସଂଘର୍ଷ କଲି। ସଂଘର୍ଷ ମୋ' ପିଛା ଛାଡ଼ିନି କି କେବେ ସଂଘର୍ଷମୟ ଜୀବନ ବଞ୍ଚିବାକୁ ମୁଁ ଡରିନି। ବର୍ଷବର୍ଷ ଧରି ଗରିବ, ନିରାଶ୍ରୟ ଲୋକଙ୍କ ପାଇଁ କାମ କରିଥିଲି। ହେଲେ ଏଇ ୨୦୧୯ ହିଁ ମୋ ସଂଘର୍ଷର ସନ୍ତକ ମୋତେ ଦେଇ ଚାଲିଗଲା। ଅନ୍ୟ ପାଇଁ ଉତ୍ସର୍ଗୀକୃତ ଜୀବନ ଜିଇଁବାର ଫଳ ଏହି ବର୍ଷ ମୋତେ ମିଳିଲା। ଏହାଛଡ଼ା ମିଳିଥିଲା ଢ଼େର ସାରା ଭଲପାଇବା, ସମ୍ମାନ ଆଉ ପରିଚୟ। ଯେଉଁଥିପାଇଁ ଏହି ବର୍ଷକୁ ମୁଁ କେବେ ଭୁଲି ପାରିବି ନାହିଁ। ଗତ ଏପ୍ରିଲ ମାସରେ ପଦ୍ମଶ୍ରୀ ଉପାଧି ପାଇଥିବା ଡି. ପ୍ରକାଶ ରାଓ ଏ କଥା କହିଛନ୍ତି। ଏବେ ପ୍ରକାଶ ସାମାନ୍ୟ ଅସୁସ୍ଥ। ଅଧିକ ସମୟ ବିଶ୍ରାମ ନେବାରେ ତାଙ୍କର ସମୟ ଅତିବାହିତ ହେଉଛି। ୨୦୧୯ ତାଙ୍କ ପାଇଁ କେତେ ସ୍ୱତନ୍ତ୍ର ଥିଲା ସେକଥା କହିବା ବେଳେ ତାଙ୍କ ଭାବପ୍ରବଣତା ବେଶ୍ ବାରି ହୋଇ ପଡୁଥିଲା।

ଗତ ଏପ୍ରିଲ ୧୪ ତାରିଖରେ ପ୍ରକାଶଙ୍କୁ ପଦ୍ମଶ୍ରୀ ଉପାଧି ମିଳିଥିଲା। କେବଳ ଚା' ଦୋକାନୀର ପରିଚୟ ପାଇଥିବା ପ୍ରକାଶ କିଛି କ୍ଷଣ ଭିତରେ ସାରା ଦେଶରେ ଜଣାଶୁଣା ପାଲଟିଗଲେ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଟକ ଗସ୍ତ ସମୟରେ ପ୍ରକାଶଙ୍କୁ ମଧ୍ୟ ଗୋପନରେ ଭେଟିଥିଲେ। ଏହି ସଫଳତା ପଛରେ ଦିନଟିଏ ନୁହେଁ ବରଂ ପ୍ରକାଶଙ୍କ ଅନେକ ବର୍ଷର ପରିଶ୍ରମ ଓ ସଂଘର୍ଷ ଲୁଚି ରହିଛି। କଟକ ବକ୍ସିବଜାରସ୍ଥ ଏକ ଚାଳିଆ ଘରେ ରହୁଥିବା ପ୍ରକାଶଙ୍କର ବକ୍ସିବଜାର ଛକରେ ରହିଛି ଏକ ଚା' ଦୋକାନ। ପିଲାଟି ବେଳୁ ଏଠାରେ ସେ ଚା' ବିକି କଷ୍ଟେମଷ୍ଟେ ପରିବାର ପ୍ରତିପୋଷଣ କରିଆସୁଥିଲେ। ଏଭଳି ଦୁଃଖକଷ୍ଟ ଭିତରେ ବି ସେ ନିଜକୁ ସମାଜସେବାରେ ନିୟୋଜିତ କରିଥିଲେ। ଏପରି କି ରାଜ୍ୟର ଜଣେ ପ୍ରମୁଖ ରକ୍ତଦାତା ଭାବେ ତାଙ୍କର ନାଁ ରହିଛି। ନିଜର ସ୍ୱଳ୍ପ ରୋଜଗାରର କିଛି ଅର୍ଥ ସେ ସେଠାକାର ଗରିବ ପିଲାଙ୍କୁ ପାଠ ପଢ଼ାଇବାରେ ବିନିଯୋଗ କରିଦିଅନ୍ତି। ପ୍ରକାଶଙ୍କ ଏଭଳି କାର୍ଯ୍ୟ ଦେଖି ତାଙ୍କ ଘର ନିକଟରେ ଜିଲା ପ୍ରଶାସନ ପକ୍ଷରୁ ଏକ ବିଦ୍ୟାଳୟ ଖୋଲାଯାଇଛି। ୨୦୧୯ରେ ପ୍ରକାଶଙ୍କର ଏକ ତିକ୍ତ ଅନୁଭୂତି ମଧ୍ୟ ରହିଛି। ବାତ୍ୟା ଫନୀ ପ୍ରଭାବରେ କଟକ ସହର କ୍ଷତିଗ୍ରସ୍ତ ହୋଇଥିଲା। ବେସାହାରା ହୋଇଥିଲେ ଅନେକ ବସ୍ତିବାସିନ୍ଦା। ରାସ୍ତାଘାଟ ବନ୍ଦ ହୋଇ ଯାଇଥିବାବେଳେ ୫ଦିନର ସଂଘର୍ଷମୟ ଜୀବନ ପରେ ବିଦ୍ୟୁତ ଓ ପାନୀୟଜଳ ସମସ୍ୟାର ସମାଧାନ ହୋଇଥିଲା। ଆଶ୍ୱସ୍ତ ହୋଇଥିଲେ କଟକବାସୀ। ହେଲେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରୁ ପ୍ରାୟ ଏକ କିଲୋମିଟର ଦୂର ବକ୍ସିବଜାରରେ ରହୁଥିବା ପ୍ରକାଶଙ୍କ ଘର ଭାଙ୍ଗିରୁଜି ଯାଇଥିଲେ ମଧ୍ୟ ସେଥିପ୍ରତି କାହାରି ଦୃଷ୍ଟି ପଡ଼ି ନ ଥିଲା। ବାତ୍ୟାର ୧୫ଦିନ ପରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ କେବଳ ଏକ ପଲିଥିନ ଦିଆଯାଇଥିଲା। ଏ କଥା କହିବା ବେଳେ ପ୍ରକାଶଙ୍କ ମନରେ କୌଣସି ବିଶେଷ ଦୁଃଖ ନ ଥିବା ଭଳି ମନେ ହେଉଥିଲା। ସଂଘର୍ଷକୁ ଜୀବନର ମନ୍ତ୍ର ବୋଲି ମାନି ନେଇଥିବା ପ୍ରକାଶ ବୋଧହୁଏ ଏଭଳି ଦୁଃଖକୁ ଦେହସୁହା କରିନେଇଛନ୍ତି।

# ଆଜି ରାଜଧାନୀ ଏକ୍ସପ୍ରେସ ପରିବର୍ତ୍ତିତ ସମୟରେ ଚାଲିବ

**ଭୁବନେଶ୍ୱର, ୩୧।୧୨(ବ୍ୟୁରୋ):** ଉତ୍ତର ଭାରତରେ ଘନ କୁହୁଡ଼ି ଯୋଗୁ ଏବଂ ସଂଯୋଗକାରୀ ଟ୍ରେନର ବିଳମ୍ବିତ ଯାତ୍ରା ପାଇଁ ବୁଧବାର ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ପରିବର୍ତ୍ତିତ ସମୟରେ ଯାତ୍ରା କରିବ। ପୂର୍ବାହ୍ନ ୧୧ଟା ୩୫ରେ ଭୁବନେଶ୍ୱରରୁ ଯାତ୍ରା କରିବାକୁ ଥିବା ୨୨୮୧୧ ଭୁବନେଶ୍ୱର ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ପରବର୍ତ୍ତୀ ସମୟ ଅନୁଯାୟୀ ଅପରାହ୍ନ ୪ଟା ୩୦ରେ ଛାଡ଼ିବାକୁ ରେଲୱେ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।










## ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ଦୋକାନ ଖୋଲାକୁ ବିରୋଧ

# ମନ୍ତ୍ରୀଙ୍କ ଘର ଆଗରେ ଛାତ୍ର କଂଗ୍ରେସର ବିକ୍ଷୋଭ

- ବିରୋଧ କଲା ମିଳିତ ନିଶା ନିବାରଣ ଅଭିଯାନ
- ସରକାରଙ୍କର ଡବଲ୍ ପଲିସି ଜୀବନ ନେଉଛି



**ଭୁବନେଶ୍ୱର,୩୧।୧୨(ବ୍ୟୁରୋ)**

ଜିରୋ ଆୱାର ସେଲିବ୍ରେଶନକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ରାତି ୧ଟା ପର୍ଯ୍ୟନ୍ତ ମଦ ଦୋକାନ ଖୋଲା ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କଟକ, ଭୁବନେଶ୍ୱର ଓ ପୁରୀ ପୌରାଞ୍ଚଳ ପାଇଁ ଏହି ନିର୍ଦ୍ଦେଶ ରହିଥିଲା। ଏହାକୁ ଛାତ୍ର କଂଗ୍ରେସ ତୀବ୍ର ବିରୋଧ କରିବା ସହ ରାଜରାସ୍ତାକୁ ଓହ୍ଲାଇଛି। କଂଗ୍ରେସ ଭବନରୁ ଶୋଭାଯାତ୍ରାରେ ବାହାରି ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଘର ନିକଟରେ ପହଞ୍ଚିଥିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଗାନ୍ଧୀଙ୍କ ଫଟୋଧରି ଧାରଣାରେ ବସିଥିଲେ। ନେତା, କର୍ମୀ, ଛାତ୍ର, ଯୁବକମାନେ ମନ୍ତ୍ରୀ ଓ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ପରେ ସେମାନଙ୍କୁ ପୋଲିସ ଉଠାଇ ନେଇ ଛାଡ଼ି ଦେଇଥିଲା। ଏନେଇ ଛାତ୍ର କଂଗ୍ରେସ ନେତା ଦୁର୍ଗାମାଧବ ମହଲା କହିଛନ୍ତି, ସରକାର ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ଦୋକାନ ଖୋଲି ଅପରାଧୀଙ୍କୁ ଅପରାଧ ଘଟାଇବାକୁ ପ୍ରଶ୍ରୟ ଦେଉଛନ୍ତି। ଜିରୋ ନାଇଟ୍‌ରେ ବାଙ୍ଗାଲୋର, ମୁମ୍ବାଇ ପରି ବଡ଼ ବଡ଼ ଅପରାଧ ଭୁବନେଶ୍ୱରରେ ଘଟିବାର ଆଶଙ୍କା ରହିଛି। ସରକାର ରାଜସ୍ୱ ଲୋଭରେ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉନାହାନ୍ତି।

ଅନ୍ୟପକ୍ଷରେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରି ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ମଧ୍ୟ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ କରାଯାଇଥିଲା। ସେମାନେ ସରକାରଙ୍କ ଏଭଳି ନିଷ୍ପତ୍ତିର ନିନ୍ଦା କରିବା ସହ ସରକାର ମହିଳା ବିରୋଧୀ ବୋଲି ନାରାବାଜି ଦେଇଥିଲେ। କଂଗ୍ରେସ ବିଧାୟକ ସାନ୍ତୋଷ ସିଂ ସାଲୁଜା କହିଛନ୍ତି, ସରକାରଙ୍କର ଏହା ହେଉଛି ଡବଲ ପଲିସି। ଗୋଟିଏ ପଟେ କହୁଛନ୍ତି ମଦ ପିଇ ଗାଡି ଚଲାଇଲେ ସିଧା ଜେଲ, ଏପଟେ ନୂଆବର୍ଷ ପାଇଁ ରାତି ଅଧ ପର୍ଯ୍ୟନ୍ତ ମଦ ଦୋକାନ ଖୋଲୁଛନ୍ତି। ଏଥିଯୋଗୁ ଯେଉଁ ଅପରାଧ, ଦୁର୍ଘଟଣା ଘଟିବ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ରାଜ୍ୟ ସରକାରଙ୍କର ଏହା ଏକ ଭୁଲ୍ ନିଷ୍ପତ୍ତି। ରାଜ୍ୟରେ ବେଆଇନ ମଦ ଦୋକାନ ବନ୍ଦ କରିବା ବଦଳରେ ସରକାର କିପରି ଏଭଳି ନିଷ୍ପତ୍ତି ନେଲେ ବୋଲି ପ୍ରଶ୍ନ ଉଠାଇ ଏହାକୁ ବିରୋଧ କରିଛନ୍ତି। ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି,ଏହା ଜିରୋନାଇଟ୍ ପାଇଁ ଗୋଟିଏ ଦିନ ଖୋଲା ରହିବ, ସବୁଦିନ ନୁହେଁ।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ରୋଗୀ କଲ୍ୟାଣ ସମିତି ବୈଠକ**

ନିଶ୍ଚିନ୍ତକୋଇଲି, ୩୧।୧୨ (ସ୍ୱ.ପ୍ର/ଡି.ଏନ୍.ଏ.): ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ବୈଠକ ମଙ୍ଗଳବାର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଛି। ବୈଠକରେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରକୁ ସ୍ୱଚ୍ଛ, ସବୁଜିମା ଓ ଉଜ୍ଜ୍ୱଳ ଆଲୋକ ପ୍ରଦାନ କରିବା ଉପରେ ଆଲୋଚନା ହୋଇଥିଲା। ଏଥିସହ ରୋଗୀଙ୍କୁ ତ୍ୱରିତ ସ୍ୱାସ୍ଥ୍ୟସେବା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା।



## ସଂକ୍ଷେପରେ

### କାର ଧକ୍କାରେ ବାଇକ ଚାଳକ ମୃତ

**ନିଶ୍ଚିନ୍ତକୋଇଲି,୩୧।୧୨ (ସ୍ୱ.ପ୍ର./ଡି.ଏନ୍.ଏ.):** ନିଶ୍ଚିନ୍ତକୋଇଲି ବ୍ଲକ କଟକ-ଚାନ୍ଦବାଲି ରାସ୍ତାର ପିପି କଲେଜ ସନ୍ନିକଟ ତେଲଟାଙ୍କି ନିକଟରେ ଏକ କାର ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାହାଙ୍ଗା ଥାନା କାନପୁର ଗ୍ରାମର ମୋହନ କୁମାର ନାୟକ(୫୫)। କେନ୍ଦ୍ରାପଡାରୁ କଟକ ଅଭିମୁଖେ ଆସୁଥିବା କାର୍‌ର ଏହି ତେଲଟାଙ୍କି ନିକଟରେ ହଠାତ୍ ଆଗଚକା ଫାଟି ଯାଇଥିଲା। ଫଳରେ କାର୍‌ଟି ଭାରସାମ୍ୟ ହରାଇ ଟାଙ୍କିରେ ପେଟ୍ରୋଲ ପକାଇ ଆସୁଥିବା ବାଇକ୍‌କୁ ଧକ୍କା ଦେଇଥିଲା। ଏଥିରେ ମୋହନ ଗୁରୁତର ହୋଇଥିଲେ। ଖବରପାଇ ସ୍ଥାନୀୟ ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ଆସି ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ କାର ଓ ବାଇକ୍‌କୁ ଜବତ କରିଛି। ଏନେଇ ଥାନାରେ ମାମଲା (ନଂ ୧୪୯/୧୯)ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଯାଇଛି। ଦୁର୍ଘଟଣା ପରେ କାର ଚାଳକ ଫେରାର ହୋଇଯାଇଛି। ମୋହନଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଶ୍ରୀମଦ୍ ଭଗବଦ୍ ମହୋତ୍ସବ ଉଦ୍‌ଯାପିତ

**ବାଙ୍କୀ,୩୧।୧୨ (ସ୍ୱ.ପ୍ର.) :** ବାଙ୍କୀ କଚେରି ପଡ଼ିଆରେ ଚାଲିଥିବା ଶ୍ରୀମଦ୍ ଭଗବତଦ୍ କଥାମୃତ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱର ଇସ୍କନ୍ ପକ୍ଷରୁ ଗତ ୨୪ରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ଶ୍ରୀପାଦ ଅକ୍ଷୟ ହରିଦାଶ ବ୍ରହ୍ମଚାରୀ ଭକ୍ତମାନଙ୍କୁ ଭଗବଦ୍ କଥାମୃତ ପ୍ରବଚନ ପ୍ରଦାନ କରୁଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭକ୍ତବୃନ୍ଦଙ୍କୁ ଭଗବଦ୍ ଗୀତା ଓ ପ୍ରସାଦ ବଣ୍ଟନ କରାଯାଇଥିଲା। ଏଥିରେ ଶ୍ରୀପାଦ ଶ୍ୟାମନନ୍ଦ ଦାଶ, ରତିଗୋବିନ୍ଦ ଦାଶ, ସତ୍ୟକାମ ଦାଶ, ପ୍ରସନ୍ନ ଗୌରାଙ୍ଗ ଦାଶ ଓ ଶ୍ରୀକୃଷ୍ଣ ସେବକ ଦାଶ ସହଯୋଗ କରିଥିଲେ। ବନ୍ଦେ ଇସ୍କନ୍ ସଂସ୍ଥାର ସଂଯୋଜକ ସୁମନ୍ତ ନିତାଇ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### କ୍ୟାପିଟାଲ ହସ୍ପିଟାଲରେ ଜବରଦଖଲ ଉଚ୍ଛେଦ

**ଭୁବନେଶ୍ୱର, ୩୧।୧୨ (ବ୍ୟୁରୋ):** ବିଡିଏ, ବିଏମ୍‌ସି ଓ କମିଶନରେଟ ପୋଲିସର ମିଳିତ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ କ୍ୟାପିଟାଲ ହସ୍ପିଟାଲ ପରିସରରେ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି। ହସ୍ପିଟାଲ ପରିସରରେ ୧୫ ଟିଫିନ୍ ଷ୍ଟଲ ସହ ୭ ଟା ଷ୍ଟଲ୍ ଓ ଗୋଟିଏ ଆଜ୍‌ବେଷ୍ଟସ୍ ଦେକାନକୁ ଭାଙ୍ଗି ଦିଆଯାଇଛି। ଖୋର୍ଦ୍ଧା ଜିଲାପାଳଙ୍କ ଦ୍ୱାରା ଜାରି ଚିଠି ନଂ.୫୭୭୭ ଅନୁସାରେ ଏହି ଉଚ୍ଛେଦ କରାଯାଇଥିବା ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି ସୂଚନା ଦେଇଛନ୍ତି। ଉଚ୍ଛେଦ କାର୍ଯ୍ୟରେ ଗୋଟିଏ ବୁଲ୍ ଡୋଜର ନିୟୋଜିତ ଥିବାବେଳେ ଉଚ୍ଛେଦ ଅଧିକାରୀ ପ୍ରମୋଦ ପାତ୍ର, କ୍ୟାପିଟାଲ ଥାନାର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ସେବା ସମବାୟ ସମିତିରେ ଖୋଲିଲା ଧାନ ମଣ୍ଡି



**ତିଗିରିଆ,୩୧।୧୨(ଡି.ଏନ୍.ଏ.):** ତିଗିରିଆ ବ୍ଲକ ସୋମପଡା ପଞ୍ଚାୟତସ୍ଥିତ ସୋମପଡା ସେବାସମବାୟ ସମିତିରେ ମଙ୍ଗଳବାର ଧାନମଣ୍ଡି ଖୋଲିଛି। ଆୟୋଜିତ ଉତ୍ସବରେ ସମିତି ସଭାପତି ନିଶାକର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ଦିନରେ ସିଂହନାଥ ମିଲରଙ୍କ ଦ୍ୱାରା ୧୮ ଜଣ ଚାଷୀଙ୍କଠାରୁ ୫୬୭ କୁଇଣ୍ଟାଲ ଧାନ କ୍ରୟ ହୋଇଥିଲା। ଉତ୍ସବରେ ସମବାୟ ସମ୍ପ୍ରସାରଣ ଅଧିକାରୀ ହାଡିବନ୍ଧୁ ରଣା, ସମ୍ପାଦକ ସୁରେନ୍ଦ୍ର କୁମାର ରାଉଳ, ସୋମପଡା ସରପଞ୍ଚ ପ୍ରତିନିଧି ନିଳମଣି ବେହେରା, ପାଞ୍ଚଗାଁ ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ରଘୁନାଥ ଦାସ ଓ ଶିଶିରକାନ୍ତ ରାଉତଙ୍କ ସମେତ ସମିତିର କର୍ମଚାରୀ,କମିଟି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତଃ ରାଜ୍ୟ କାର୍ ଚୋରି, ଠକ ର୍ୟାକେଟର ପର୍ଦ୍ଦାଫାଶ

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ)/ କଟକରୋଡ୍ (ଡି.ଏନ୍.ଏ.)**





ଗିରଫ ଦୁଇ ଅଭିଯୁକ୍ତ ଓ ଜବତ ହୋଇଥିବା କାର।

- ୨ ଗିରଫ, ୮ ଦାମୀ କାର୍ ଜବତ
- ଠକେଇର ଶିକାର ହୋଇଥିଲେ ପୋଲିସ ବାବୁ
- ମାଷ୍ଟରମାଇଣ୍ଡକୁ ଧରିବାକୁ ପଶ୍ଚିମବଙ୍ଗରେ ସ୍ପେଶାଲ ସ୍କ୍ୱାଡ୍

ଆନ୍ତଃରାଜ୍ୟ କାର ଚୋରି ଓ ଠକ ର୍ୟାକେଟର ପର୍ଦ୍ଦାଫାଶ କରିଛି କମିଶନରେଟ ପୋଲିସ। ଲୋକଙ୍କୁ ବିଳାସପୂର୍ଣ୍ଣ କାର ଦେବା ଆଳରେ ଠକେଇ କରୁଥିବା ଏହି ର୍ୟାକେଟର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୮କାର ଜବତ କରିଛି। ସେମାନେ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଖମରା ଗ୍ରାମର ଚିନ୍ମୟ ସାହୁ(୩୦) ଓ ଭୁବନେଶ୍ୱର ଲକ୍ଷ୍ମୀସାଗର ଝାରପଡା କେନାଲରୋଡ୍‌ର ଗୋପାଳ ମହାନ୍ତି(୩୪)। ଉଭୟଙ୍କ ଶିକ୍ଷାଗତ ଯୋଗ୍ୟତା ହେଲା ଏମ୍‌ସିଏ ଓ ଏମ୍‌ବିଏ। ଲକ୍ଷ୍ମୀସାଗର ଥାନାରେ ଆଇପିସି ଦଫା ୪୨୦ରେ ମାମଲା (ନଂ–୩୮୮/୧୯) ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। କମିଶନରେଟ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମିଶନର ଷଡ଼ଙ୍ଗୀ କହିଲେ, ଗତ ନଭେମ୍ବର ୧ରେ ଚିନ୍ମୟ ଖଣ୍ଡଗିରି ଥାନା ଏସ୍‌ଆଇ ସଞ୍ଜୟ କୁମାର ଷଣ୍ଢଙ୍କୁ ଏକ ଚୋରା କାର ବିକ୍ରି ପାଇଁ ଯୋଗାଯୋଗ କରିଥିଲେ। ଏଥିପାଇଁ ପ୍ରଥମେ ତାଙ୍କୁ ଟେଷ୍ଟ ଡ୍ରାଇଭ୍ ପାଇଁ ଲକ୍ଷ୍ମୀସାଗର ଛକକୁ ଡକାଇ କଥା ହୋଇଥିଲେ। ଏହାପରେ ଏସ୍‌ଆଇ ସଞ୍ଜୟ ଉକ୍ତ କାର (ନଂ.ଏଏସ୍–୦୧–ବିଜେଡ୍–୪୯୯୪) ୩ ଦିନ ଡ୍ରାଇଭିଂ କରିବା ପରେ କିଣିବା ପାଇଁ ରାଜି ହୋଇଥିଲେ। କାର୍‌ଟିର ଦାମ ୧୪ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିଲାବେଳେ ସଞ୍ଜୟ ଅଗ୍ରିମ ୮ଲକ୍ଷ ଟଙ୍କା ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଅଭିଯୁକ୍ତମାନେ ସଞ୍ଜୟଙ୍କୁ କାର୍ କିମ୍ବା ଦେଇଥିବା ଟଙ୍କା ଫେରାଇ ନ ଥିଲେ। କାରଣ ସଞ୍ଜୟ ପୋଲିସ ହୋଇଥିବାରୁ ଧରାପଡ଼ିବା ଭୟରେ ଆଉ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ଠକେଇର ଶିକାର ହୋଇଥିବା ଜାଣିବା ପରେ ଏସ୍‌ଆଇ ସଞ୍ଜୟ ଲକ୍ଷ୍ମୀସାଗର ଥାନାରେ ଡିସେମ୍ବର ୨୯ରେ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ସ୍ପେଶାଲ ସ୍କ୍ୱାଡ୍, ଖଣ୍ଡଗିରି ଏବଂ ଲକ୍ଷ୍ମୀସାଗର ପୋଲିସ ଆରମ୍ଭ କରିଥିଲା। ପୋଲିସ ପ୍ରଥମେ ଚିନ୍ମୟଙ୍କୁ ଗିରଫ କରିବା ପରେ ଏହି ର୍ୟାକେଟ ବିଷୟରେ ସୂଚନା ପାଇଥିଲା। ପରେ ଅନ୍ୟତମ ଅଭିଯୁକ୍ତ ଗୋପାଳଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ପଚରାଉଚରାରୁ ଜଣାପଡିଥିଲା ଯେ, ସେମାନେ ପଶ୍ଚିମବଙ୍ଗ ଓ ଅନ୍ୟ ରାଜ୍ୟରୁ ଦାମୀ କାର ଚୋରି କରି ଓଡିଶାରେ ଶସ୍ତାରେ ବିକ୍ରି କରନ୍ତି। ଅନେକ କ୍ଷେତ୍ରରେ କାର୍ ନମ୍ବର ଓ ଚେସିସ୍ ନମ୍ବରକୁ ନକଲି କରି ଜାଲ୍ କାଗଜପତ୍ର ପ୍ରସ୍ତୁତ କରିଥାନ୍ତି। କଲିକତାର ପାପା ନାମକ ଯୁବକ ଏହାର ମାଷ୍ଟର ମାଇଣ୍ଡ। ତେବେ ସେମାନେ ଓଡ଼ିଶାରେ ବହୁ ଚୋରା ଗାଡ଼ି ବିକ୍ରି କରିଥିବା ଜଣାପଡିବା ପରେ ପୋଲିସ ଲୋକମାନେ କିଣିଥିବା ୮ ଚୋରା କାର୍‌କୁ ଜବତ କରିଥିଲା। ମାଷ୍ଟରମାଇଣ୍ଡ ପାପାକୁ ଧରିବା ପାଇଁ ପଶ୍ଚିମବଙ୍ଗରେ ଡେରା ପକାଇଛି ସ୍ପେଶାଲ ସ୍କ୍ୱାଡ୍ ଟିମ୍। ସ୍ଥାନୀୟ ପୋଲିସ ସହଯୋଗରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବାବେଳେ ଗିରଫ ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା କରୁଥିବା ସୂଚନା ମିଳିଛି।

### ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ଖୁଣ୍ଟୁଣୀ,୩୧।୧୨(ଡି.ଏନ୍.ଏ)**

ବାଇକ୍ ଧକ୍କାରେ ମଙ୍ଗଳବାର ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଭୋଗରା ଗ୍ରାମର ଅପର୍ତ୍ତି ନାୟକ(୪୦)। ଆହତ ଦିନେଶ ମହାନ୍ତି ଓ ମିଟୁ ମହାନ୍ତିଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ କ୍ଲିନିକରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, କୁସପଙ୍ଗୀ ଗ୍ରାମର ଅକ୍ଷୟ ଖଟୁଆ ତାଙ୍କ ସ୍ତ୍ରୀ ଙ୍କ ସହ ବାଇକରେ ଆଠଗଡ଼ ଅଭିମୁଖେ ଯାଉଥିଲେ। ଭୋଗରା ଗ୍ରାମ ଖାଡୁଆରୀ ଗ୍ରାମଦେବତୀ ସମ୍ମୁଖରେ ହଠାତ୍ ତାଙ୍କ ବାଇକ୍ ଅପର୍ତ୍ତିଙ୍କ ସାଇକେଲକୁ ଧକ୍କା ଦେଇଥିଲା। ପରେ ଆଗରେ ଯାଉଥିବା ଅନ୍ୟ ଏକ ସାଇକେଲକୁ ମଧ୍ୟ ଧକ୍କା ଦେଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରି ତଦନ୍ତ ଚଳାଇଛି।

## ନୂଆବର୍ଷ ମଉଜ ବେଳେ ଗଲା ଜୀବନ

# ଗାଡ଼ି ଚକରେ ଚାପିହୋଇ ଯୁବକ ମୃତ

**ତିଗିରିଆ,୩୧।୧୨(ଡି.ଏନ୍.ଏ.)**

ନୂଆବର୍ଷ ପାଇଁ ମଉଜ କରୁଥିବା ବେଳେ ନଳକୂପ ଖୋଳା ଗାଡ଼ି ଚକାତଳେ ଚାପିହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। କଟକ ଜିଲା ତିଗିରିଆ ଥାନା ଜେମାଦେଇପୁର ପଞ୍ଚାୟତ ଅନ୍ତର୍ଗତ ପଙ୍କାଳ ଛକ ନିକଟ ପେଟ୍ରୋଲ ପମ୍ପ କଡ଼ରେ ଏହି ଦୁର୍ଘଟଣା ଘଟିଛି। ସେ ହେଲେ ଦଶବନ୍ତପୁର ବ୍ଲକର ପବିତ୍ର ମୁଦୁଲି(୧୮)। ଖବରପାଇ ତିଗିରିଆ ଥାନା ଏଏସ୍‌ଆଇ ରତ୍ନାକର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛନ୍ତି। ପବିତ୍ର ଶ୍ରମିକ ଭାବେ ନଳକୂପ ଖୋଳା କାର୍ଯ୍ୟରେ ସାହାଯ୍ୟ କରନ୍ତି। ପ୍ରତିଦିନ ଭଳି ସେ ନିଜ କାର୍ଯ୍ୟ ସାରି କିଛି ସାଥୀଙ୍କ ସହ ମିଶି ନୂଆବର୍ଷ ପାଇଁ ଭୋଜି କରୁଥିଲେ। ମଉଜମଜଲିସ୍ କରିବାକୁ ଯାଇ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ନଳକୂପ ଖୋଳା ଗାଡିକୁ ପଛକୁ ଗଡ଼ାଉଥିବା ବେଳେ ନିକଟରେ ପବିତ୍ର ଛିଡା ହୋଇଥିଲେ। ଗାଡିଚାଳକ ଏହା ଜାଣି ନ ପାରି ତାଙ୍କ ଉପରକୁ ଚଢ଼ାଉ ଦେଇଥିଲେ। ଫଳରେ ପବିତ୍ର ଚକାତଳେ ଚାପି ହୋଇଯାଇଥିଲେ। ଦୁର୍ଘଟଣା ପରେ ଗାଡି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

## ଅଭିନେତ୍ରୀଙ୍କ ପୁରୁଷ ବନ୍ଧୁଙ୍କ ନାମରେ ଅଭିଯୋଗ ଆଣିଲେ ବ୍ୟବସାୟୀ

# ଫିଲ୍ମରେ ହିରୋ କରାଇ ଦେବା ଆଳରେ ୧୧ଲକ୍ଷ ଠକେଇ

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ)**

- ଅଭିନେତ୍ରୀ ଓ ପୁରୁଷ ବନ୍ଧୁ ଫେରାର
- ଲିଖିତ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ : ଡିସିପି

ବିବାହ କରିବା ଆଳରେ ବିଶାଖାପାଟଣାର ପଦ୍ମାରାଜୁ ଶିବକୁମାରଙ୍କଠାରୁ ଠକେଇ କରିଥିବା ଓଲିଉଡ୍ ଅଭିନେତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କ ନାମରେ ଅଭିଯୋଗର ତାଲିକା ଲମ୍ବିବାରେ ଲାଗିଛି। ମଙ୍ଗଳବାର କଟକର ଜଣେ ବ୍ୟବସାୟୀ ଆଉ ଏକ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଓଡିଆ ଫିଲ୍ମରେ ହିରୋ କରାଇ ଦେବାକୁ କହି ଅଭିନେତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁ ୧୧ଲକ୍ଷ ଟଙ୍କା ଠକି ନେଇଥିବା ସେ ଗଣମାଧ୍ୟମକୁ ଜଣାଇଛନ୍ତି। ଏହାସହ ବ୍ୟବସାୟୀ ଜଣକ ଅଭିନେତ୍ରୀଙ୍କ ପୁରୁଷ ବନ୍ଧୁଙ୍କ ସହ ହୋଇଥିବା ବାର୍ତ୍ତାଳାପର ଅଡିଓ ମଧ୍ୟ ଦେଇଛନ୍ତି। ବ୍ୟବସାୟୀ ଜଣକ କହିଛନ୍ତି, ଦୁଇବର୍ଷ ତଳେ ଉକ୍ତ ଟଙ୍କା ନେଇଥିଲେ ମଧ୍ୟ ଫିଲ୍ମରେ ରୋଲ୍ ଦେଇ ନ ଥିଲେ। ଟଙ୍କା ଫେରସ୍ତ ମାଗିଥିଲେ ମଧ୍ୟ ସେ ଧରାଛୁଆଁ ନେଇଥିଲେ। ଏପରି କି ଥାନାରେ ଅଭିଯୋଗ କଲେ ବଳାତ୍କାର ମାମଲାରେ ଫସାଇଦେବୁ ବୋଲି ଧମକ ଦେଇଥିଲେ। ଫଳରେ ସେ ଭୟରେ ଥାନାରେ ଅଭିଯୋଗ କରି ନ ଥିବା ବ୍ୟବସାୟୀ ଜଣକ କହିଛନ୍ତି। ଅନ୍ୟପକ୍ଷରେ ଗୋଟିଏ ପରେ ଗୋଟିଏ ଅଭିଯୋଗ ଆସୁଥିବାରୁ ଗିରଫ ଭୟରେ ଅଭିନେତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁ ଫେରାର ହୋଇଯାଇଥିବା ସୂଚନା ମିଳିଛି। ସେମାନଙ୍କ ଫୋନ୍ ମଧ୍ୟ ବନ୍ଦ ରହିଥିବାରୁ ସନ୍ଦେହ ଦୃଢ଼ୀଭୂତ ହୋଇଛି।

ସୂଚନାଯୋଗ୍ୟ, ଅଭିନେତ୍ରୀ ଜଣକ ଅନେକ ଯୁବକଙ୍କୁ ପ୍ରେମ ଜାଲରେ ଫସାଇ ଟଙ୍କା ଓ ସମ୍ପତ୍ତି ଲୁଟିଥିବା ଅଭିଯୋଗ ହେଉଛି। ବିଶାଖାପାଟଣାର ଶିବ କୁମାରଙ୍କଠାରୁ ବିବାହ ପ୍ରତିଶ୍ରୁତି ଦେଇ ଅଢେଇ ଲକ୍ଷ ଟଙ୍କା, ସୁନା ଚେନ୍ ଓ ଲାପଟପ ଠକି ନେଇଥିଲେ। ଫିଲ୍ମରେ ରୋଲ୍ ଦେବାକୁ କହି ବ୍ରହ୍ମପୁରର ଜଣେ ଯୁବକଙ୍କଠାରୁ ୧୦ ହଜାର ଟଙ୍କା ଠକେଇ କରିଥିଲେ। ଝାରସୁଗୁଡାର ଜଣେ ଯୁବକଙ୍କୁ ପ୍ରେମରେ ଫସାଇ ବିବାହ ବାହାନାରେ ୪ ଲକ୍ଷ ଟଙ୍କା ନେଇଥିଲେ। ଏ ନେଇ ଡିସିପି ଅନୁପ କୁମାର ସାହୁ କହିଛନ୍ତି, ଲିଖିତ ଅଭିଯୋଗ ହେବା ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବିଡ଼ାନାସୀ ଭୁଆସୁଣୀ କ୍ଲବ ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଖୁଣ୍ଟୁଣୀ,୩୧।୧୨(ଡି.ଏନ୍.ଏ)**

କଟକ ବିଡାନାସୀର ଭୁଆସୁଣୀ କ୍ଲବ ଆଠଗଡ଼ ବ୍ଲକ ଅନ୍ତର୍ଗତ ଓରନ୍ଦା ସମ୍ପେଶ୍ୱର ଖେଳପଡ଼ିଆରେ ଚାଲିଥିବା ମହାଦେବ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ପ୍ରତିଯୋଗିତାର ଏକତରଫା ଫାଇନାଲରେ ଦଳ ୫–୦ ଗୋଲ୍‌ରେ ମୃଷୁଲିଆର ବନଦୁର୍ଗା ବିର୍ସାମୁଣ୍ଡା କ୍ଲବକୁ ହରାଇ ଦେଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ୩ ଏବଂ ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ ସ୍କୋର ହୋଇଥିଲା। ସମ୍ପେଶ୍ୱର କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ଡାକ୍ତର ରମେଶ ଚନ୍ଦ୍ର ସିଂ, ଇଞ୍ଜିନିୟର ପ୍ରତାପ ଚନ୍ଦ୍ର ସାମଲ ଏବଂ ବିଜୟ କୁମାର ସାମଲ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଗୋଲକିପର ଭାବେ ମୃଷୁଲିଆର ଚୈତନ୍ୟ ହେମ୍ବ୍ରମ, ଶ୍ରେଷ୍ଠ ଫରୱାର୍ଡ ଭାବେ ଦାରା ସିଂ, ବିଡ଼ାନାସୀର ଚିଣ୍ଟୁ ଦାସ ମ୍ୟାନ ଅଫ୍ ଦି ଫାଇନାଲ ଏବଂ ମନୋଜ ଦାସ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ଭାବେ ପୁରସ୍କୃତ ହୋଇଥିଲେ। ବିଜୟୀ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମଙ୍ଗଳବାର ଫାଇନାଲରେ ସଞ୍ଜୀବ ଦାସ ରେଫରୀ ଦାୟିତ୍ୱ ତୁଲାଇଥିଲେ। ରଜାକ୍ ଖାଁ ଏବଂ ସଫିକ୍ ଅଲ୍ଲୀ ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ।

### ୧୫ରୁ ବାଲି ମକର ମହୋତ୍ସବ

**ବଡମ୍ବା,୩୧।୧୨(ଡି.ଏନ୍.ଏ)**

ବଡମ୍ବା ଦେବୋତ୍ତର ଅଧୀନ ଗୋପୀନାଥପୁର ଗ୍ରାମ ନିକଟ ପ୍ରଭୁ ସିଂହନାଥଙ୍କ ବାଲି ମକର ମହୋତ୍ସବ ଜାନୁୟାରୀ ୧୫ରୁ ଆରମ୍ଭ ହେବ। ୫ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମହୋତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ଲାଗି କମିଟି ପକ୍ଷରୁ ସ୍ଥିର କରାଯାଇଛି। ଏନେଇ ବଡମ୍ବା ଦେବୋତ୍ତର ବିଭାଗ ଓ ମହୋତ୍ସବ ପରିଚାଳନା କମିଟିର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ଓ ରମେଶଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ ସମୟରେ ସଙ୍ଗୀତ, ଗୋଟିପୁଅ ନୃତ୍ୟ, ଘୁମୁରା,ସମ୍ବଲପୁରୀ ଓ ଘୋଡାନାଚ ଆଦି କରିବା ଲାଗି ସ୍ଥିର କରାଯାଇଥିଲା। ମହୋତ୍ସବ ସୁପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା। କମିଟିରେ ତହସିଲଦାର ଅନିଲ କୁମାର ପଟ୍ଟନାୟକ ସ୍ଥାୟୀ ସଭାପତି ରହିଥିବାବେଳେ ସଦସ୍ୟ ଭାବେ ସୁଦର୍ଶନ ତ୍ରିପାଠୀ, ନିରଞ୍ଜନ ଶତପଥୀ, ଭ୍ରମରବର ପ୍ରଧାନ, ଗୋବିନ୍ଦଚନ୍ଦ୍ର ସାହୁ, କୈଳାସଚନ୍ଦ୍ର ଡାଲୁଆ, ରମେଶଚନ୍ଦ୍ର ସାହୁ, ଲକ୍ଷ୍ମୀଧର ସାହୁ, ଜଳଧର ରଣା ଓ ସୂର୍ଯ୍ୟମଣି ଖଟୁଆଙ୍କୁ ସାମିଲ କରାଯାଇଛି।

### ଏସ୍‌ଡିପିଓଙ୍କୁ ଶ୍ରେଷ୍ଠ ପ୍ରଶାସକ ସମ୍ମାନ

**ବାଙ୍କୀ,୩୧।୧୨(ସ୍ୱ.ପ୍ର.)**

ଡମପଡ଼ା ବ୍ଲକର ଦଶଦୋଳ ମେଳଣ ପଡ଼ିଆରେ ସପ୍ତମ କାକଟପୁର ମା'ମଙ୍ଗଳା ଲୋକ ମହୋତ୍ସବ ଓ ଝଙ୍କାର ଟେଲିଭିଜନ୍ ଓ ସିନେ ଆୱାର୍ଡ଼ ୨୦୧୯ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଏସ୍‌ଏଲ୍‌ର ପ୍ରତିଷ୍ଠାତା ମହେନ୍ଦ୍ର ଗୁପ୍ତା ଓ ସମ୍ମାନିତ ଅତିଥି ଭାରତ ମସଲାର ତ୍ରୁଷ୍ଟି ଶ୍ରୀମନ୍ତ ପଣ୍ଡା, ଡମପଡ଼ା ସରପଞ୍ଚ ଦେବେନ୍ଦ୍ର ଧଳସାମନ୍ତ, ଦୋଳ ମଣ୍ଡପର ସଭାପତି ଭବାନୀ ଧଳସାମନ୍ତ, ଉପଦେଷ୍ଟା ବିଶ୍ୱମୋହନ କର ଯୋଗଦେଇଥିଲେ। ଉତ୍ସବରେ ଶ୍ରେଷ୍ଠ ପ୍ରଶାସକ ଭାବେ ବାଙ୍କୀ ଉପଖଣ୍ଡ ପୋଲିସ୍ ଅଧିକାରୀ(ଏସ୍‌ଡିପିଓ) ପ୍ରସନ୍ନ କୁମାର ବିଶ୍ୱାଳଙ୍କୁ ଉପଢ଼ୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ବବୁଲ୍ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରି ବିଶ୍ୱାଳଙ୍କ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ତରଙ୍ଗ ଚ୍ୟାନେଲ୍‌ର ମେଗାଧାରାବାହିକ 'କୁଆଁରୀ ବୋହୂ' କଳାକାରମାନେ ଯୋଗଦେଇଥିଲେ।

### ଡାକ ବିଭାଗର ସମୀକ୍ଷା ବୈଠକ

**ବାଙ୍କୀ, ୩୧।୧୨ (ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ମୁଖ୍ୟ ଡାକ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଡମପଡ଼ା, ବାଙ୍କୀ, କଳାପଥର ଅଞ୍ଚଳରେ ଥିବା ଉପଡାକଘର କର୍ମଚାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାଙ୍କୀ ଉପଡାକପାଳ ରଞ୍ଜନ କୁମାର ସାହୁ, କଟକ କେନ୍ଦ୍ର ଜୋନ୍‌ର ଡାକ ଇନ୍ସପେକ୍ଟର ଦିବ୍ୟସିଂହ ତ୍ରିପାଠୀ, କଟକ ଜିଲା ସାଉଥ୍ ଡିଭିଜନ୍ ଡାକବିଭାଗ ମୁଖ୍ୟ ଗଜେନ୍ଦ୍ର ପ୍ରସାଦ କର, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ କଟକ ବ୍ରାଞ୍ଚ ମ୍ୟାନେଜର ଶ୍ରୀମନ୍ତିକା ପ୍ରିୟଦର୍ଶିନୀ ଓ ଡମପଡ଼ା ଉପଡାକପାଳ ରଶ୍ମିତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଡାକ ବିଭାଗ ତରଫରୁ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମୁଦାୟ ୨୭ଜଣ କର୍ମଚାରୀଙ୍କୁ ଡାକବିଭାଗର ଯୋଜନା ସମ୍ପର୍କରେ ତାଲିମ୍ ପ୍ରଦାନ କରାଯାଇଥିଲା।

**କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, କଟକ**
ନିମ୍‌ଚଉଡ଼ି, କଟକ-୭୫୩୦୦୨
ଫୋନ୍ ନଂ.(PBX) : ୦୬୭୧-୨୩୩୯୭୦୦, ଫ୍ୟାକ୍ସ-୦୬୭୧-୨୫୦୯୨୦୬

**ଦୀର୍ଘ ୬୩ ବର୍ଷଧରି ନିରବଚ୍ଛିନ୍ନ ଭାବରେ ଚାଷ ଓ ଚାଷୀର ସେବାରେ ଉତ୍ସର୍ଗିକୃତ ସମବାୟ ବ୍ୟାଙ୍କ**

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଭୁକ୍ତ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ସମସ୍ତ ଚାଷୀଭାଇମାନଙ୍କୁ ଅନୁରୋଧ, ନିଜ ଅଞ୍ଚଳରେ ଥିବା ସେବା ସମବାୟ ସମିତିରେ ସଭ୍ୟଭୁକ୍ତ ହୋଇ କିଷାନ କ୍ରେଡ଼ିଟ କାର୍ଡ ମାଧ୍ୟମରେ ସ୍ୱଳ୍ପ ସୁଧରେ କୃଷି ଋଣ ଓ ଅନ୍ୟାନ୍ୟ ସୁବିଧା ଗ୍ରହଣ କରନ୍ତୁ। କିଷାନ କ୍ରେଡ଼ିଟ କାର୍ଡଧାରୀ ଚାଷୀଭାଇମାନେ ସମିତିରେ ଋଣ ସୁଝିବା ସମୟରେ ରାଜ୍ୟ ସମବାୟ ବ୍ୟାଙ୍କର ଛାୟା ଛବିଥିବା ରସିଦ୍ ନେବାକୁ ଭୁଲନ୍ତୁ ନାହିଁ। କୌଣସି ପରିସ୍ଥିତିରେ KCC Pass Book ଓ Cheque ବହି ସମିତି ସମ୍ପାଦକ କିମ୍ବା ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ନ ଦେଇ ନିଜେ ଆସି ଶାଖା ବ୍ୟାଙ୍କରୁ ଋଣ ଗ୍ରହଣ କରନ୍ତୁ। ଆପଣଙ୍କ ଅସାବଧାନତା ଯୋଗୁଁ ଅନ୍ୟ କେହି ଆପଣଙ୍କ ନାମରେ, ଆପଣଙ୍କ KCC Cheque ମାଧ୍ୟମରେ ଋଣ ଗ୍ରହଣ କଲେ ଏଥିପାଇଁ ଆପଣ ହିଁ ଦାୟୀ ରହିବେ। ଆପଣଙ୍କ ସ୍ୱାକ୍ଷର ଥିବା KCC ଚେକ୍ କୌଣସି ସମିତି/ବ୍ୟାଙ୍କ କର୍ମଚାରୀ ଅଥବା ତୃତୀୟ ପକ୍ଷକୁ ହସ୍ତାନ୍ତର କରନ୍ତୁ ନାହିଁ। ଯେଉଁ ଚାଷୀଭାଇମାନେ ଋଣ କିସ୍ତି ତାରିଖ କିମ୍ବା ତା ପୂର୍ବରୁ କୃଷି ଋଣ ପରିଶୋଧ ନ କରିବେ ସେମାନେ ସୁଧ ରିହାତି ହରାଇବା ସହିତ ଖିଲାପି ସୁଧ ବାର୍ଷିକ ୧୩.୭୫% ହାରରେ ପରିଶୋଧ କରିବେ।

## ଶ୍ରୀଲିଙ୍ଗରାଜ ମନ୍ଦିର ପାର୍ଶ୍ୱରୁ ଉଚ୍ଛେଦ ସରିଲା

# ବଦଳୁଛି ମନ୍ଦିର ପାରିପାର୍ଶ୍ୱିକ ପରିବେଶ

**ଭୁବନେଶ୍ୱର, ୩୧।୧୨ (ବ୍ୟୁରୋ)**

**ଜୋର୍‌ସୋର୍‌ରେ ଚାଲିଛି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ**

ଶ୍ରୀଲିଙ୍ଗରାଜ ମନ୍ଦିର ପାର୍ଶ୍ୱରୁ ଉଚ୍ଛେଦ ପ୍ରାୟତଃ ସରି ଆସିଛି। ଏପଟେ ଆରମ୍ଭ ହୋଇଯାଇଛି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ। ପୁରୁଣା ମାର୍କେଟ କମ୍ପ୍ଲେକ୍ସ ସ୍ଥାନ ଓ ଭଜନ ମଣ୍ଡପ ସ୍ଥାନକୁ ଏକାକାର କରାଯିବାପରେ ମନ୍ଦିର ସମ୍ମୁଖ ସୌନ୍ଦର୍ଯ୍ୟକରଣକୁ ଆହୁରି ବ୍ୟାପକ କରାଯିବ ବୋଲି ବିଏମ୍‌ସି ଅତିରିକ୍ତ କମିଶନର ଅବନୀ ପଟ୍ଟନାୟକ କହିଛନ୍ତି। ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ କାର୍ଯ୍ୟ ତଦାରଖବେଳେ ପଟ୍ଟନାୟକ କହିଲେ, ନିର୍ଦ୍ଧାରିତ ସମୟ ପୂର୍ବରୁ ଉଚ୍ଛେଦ କାର୍ଯ୍ୟ ସରୁଛି। ସେହିଭଳି ନିର୍ଦ୍ଧାରିତ ସମୟ ପୂର୍ବରୁ ହିଁ ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ବିଏମ୍‌ସି, ବିଡିଏ ଓ ଆର୍ ଆଣ୍ଡ ବି ବିଭାଗ ଶତପ୍ରତିଶତ ଉଦ୍ୟମ ଜାରି ରଖିଛନ୍ତି। ତେଣୁ ଖୁବ୍ କମ୍ ଦିନରେ ବିକାଶ କାର୍ଯ୍ୟ ସରିବ। ଅନ୍ୟପକ୍ଷରେ ମଙ୍ଗଳବାର ଭଜନ ମଣ୍ଡପର ଉଚ୍ଛେଦ କାର୍ଯ୍ୟ ଶେଷ ହୋଇଛି। ଏକ ଘରୋଇ ଠିକା ସଂସ୍ଥା ଏହାର ଉଚ୍ଛେଦ କାର୍ଯ୍ୟ ସାରିଛି। ଏବେ ନିର୍ମାଣର ଭଗ୍ନାବଶେଷ ଉଠାଯିବ। ବର୍ତ୍ତମାନ ମନ୍ଦିର ପାରିପାର୍ଶ୍ୱିକ ପରିବେଶର ଏକ ଭିନ୍ନ ରୂପରେଖ ଦେଖିବାକୁ ମିଳିଲାଣି। ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଏବେ ଦ୍ରୁତ ଗତିରେ ଚାଲିଥିବାବେଳେ ଯେଉଁ ସ୍ଥାନରେ ଗାଡି ପାର୍କିଂ କରାଯାଉଥିଲା, ସେ ସ୍ଥାନରେ ଏବେ ଟାଇଲ ଖଞ୍ଜା ଚାଲିଛି। ଦିନେ ଦୁଇ ଦିନ ମଧ୍ୟରେ ଏହି କାମ ସରିବା ପରେ ଚତୁଃପାର୍ଶ୍ୱରେ ଗଛ ଲଗାଯିବ ଓ ପର୍ଯ୍ୟଟକଙ୍କ ବସିବା ପାଇଁ ବେଞ୍ଚ ଲଗାଯିବ। ଏବେ ପ୍ରାଥମିକ ଭାବେ ପୁରୁଣା ମାର୍କେଟ କମ୍ପ୍ଲେକ୍ସ ସ୍ଥାନରେ ବଡ଼ ବଡ଼ ଗଛ ରଖାଯାଇଥିବାବେଳେ ବେଞ୍ଚ ସ୍ଥାପନ ସରିଛି। ମନ୍ଦିର ସମ୍ମୁଖ ଦେବୀପାଦହରା ପୁଷ୍କରିଣୀ ପାର୍ଶ୍ୱରୁ ସମସ୍ତ ଉଚ୍ଛେଦ ପରେ ଏବେ ପରବର୍ତ୍ତୀ କାର୍ଯ୍ୟ ଜାରି ରହିଛି ବୋଲି ଅତିରିକ୍ତ କମିଶନର ପଟ୍ଟନାୟକ କହିଛନ୍ତି। ସ୍ଥାନାନ୍ତର ହେଲା ବଡ଼ ଏଲ୍‌ଇଡି ବୋର୍ଡ ଭଜନ ମଣ୍ଡପ ଭଙ୍ଗା ଯିବା ପରେ ଏହା ପାର୍ଶ୍ୱରେ ଥିବା ବଡ଼ ଏଲ୍‌ଇଡି ବୋର୍ଡକୁ ମଙ୍ଗଳବାର ନୂଆ ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସ ନିକଟକୁ ସ୍ଥାନାନ୍ତର କରାଯାଇଛି। ଏହି ଏଲ୍‌ଇଡିରେ ଏକାମ୍ର କ୍ଷେତ୍ରର ପର୍ଯ୍ୟଟନ ସ୍ଥଳଗୁଡିକୁ ପ୍ରଦର୍ଶନ ସହ ଏହା ସମ୍ପର୍କରେ ନିୟମିତ ଭାବେ ସୂଚନା ଦିଆଯାଇଥାଏ। ଏଥିସହ ମହାଶିବରାତ୍ରି ସମୟରେ ବିଭିନ୍ନ ସଚେତନତା ବାର୍ତ୍ତା ମଧ୍ୟ ସେଥିରେ ରହିଥାଏ।

**ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଖୋର୍ଦ୍ଧା**
୧୦୩ ତମ ବାର୍ଷିକ ସାଧାରଣ ସଭା ନୋଟିସ୍
ନୋଟିସ୍ ନଂ.2896(A) ତା.୨୪।୧୨।୨୦୧୯ରିଖ

ଏତଦ୍ୱାରା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧାର ସମସ୍ତ ଅଂଶୀଦାରମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୧୦୩ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା୧୦।୦୧।୨୦୨୦ରିଖ ଶୁକ୍ରବାର ପୂର୍ବାହ୍ନ ୧୧.୦୦ଘଟିକା ସମୟରେ ଖୋର୍ଦ୍ଧା ସ୍ଥିତ ବିଡିଏ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ। ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ଯୋଗଦାନକରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁରୋଧ।

ସଭାପତିଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./- ସୁବାଷ ଚନ୍ଦ୍ର ମିଶ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

**କାର୍ଯ୍ୟସୂଚୀ-**
୧. ତା.୦୭।୦୩।୨୦୧୯ ରିଖରେ ଅନୁଷ୍ଠିତ ହୋଇଥିବା ୧୦୨ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ। ୨. ୨୦୧୮–୧୯ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ। ୩. ଗତ ୨୦୧୮–୧୯ବର୍ଷର ସମୀକ୍ଷା ପତ୍ର ଓ ତତ୍ ସଂଲଗ୍ନ ଆୟ, ବ୍ୟୟ, ପ୍ରାପ୍ୟ, ଦେୟ ହିସାବ ପଠନ ଓ ଅନୁମୋଦନ। ୪. ୨୦୧୮–୧୯ବର୍ଷର ନିଟ୍ ଲାଭର ବିନିଯୋଗ ପ୍ରସ୍ତାବ ଗ୍ରହଣ। ୫. ବ୍ୟାଙ୍କର ଆଗାମୀ ୨୦୨୦–୨୧ବର୍ଷର ଆୟ ବ୍ୟୟ ଅଟକଳ(ବଜେଟ୍) ଅନୁମୋଦନ। ୬. ଆଗାମୀ ୨୦୨୦–୨୧ବର୍ଷ ପାଇଁ ବ୍ୟବସାୟିକ ଅଭିବୃଦ୍ଧି ଯୋଜନା ପଠନ ଓ ଦୃଢ଼ୀକରଣ। ୭. ବ୍ୟାଙ୍କର ଏକକାଳୀନ ଋଣ ପରିଶୋଧ ଯୋଜନାରେ ଚଳିତ ବର୍ଷର କ୍ଷତିର ଭରଣା ଓ ଏହି ଯୋଜନା ୨୦୨୦–୨୧ବର୍ଷ ନିମିତ୍ତ କାର୍ଯ୍ୟକାରୀ କରିବା ପ୍ରସ୍ତାବ ଅନୁମୋଦନ। ୮. ବୃତାନ୍ତ 'କ' ଶ୍ରେଣୀ ସଭ୍ୟ ଅନୁମୋଦନ। ୯. ବ୍ୟାଙ୍କର ଅନାଦେୟ ଋଣ ଆଦାୟ ନିମନ୍ତେ SARFAESI Act–2002 କାର୍ଯ୍ୟକାରୀ କରିବାର ଅନୁମୋଦନ। ୧୦. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)

ପରିପତ୍ର ନଂ.2897 (A) ତାରିଖ: ୨୪।୧୨।୨୦୧୯
ଏହାର ଏକକିତା ନକଲ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ସମସ୍ତ ଅଂଶୀଦାର ଓ ସମିତି ସମ୍ପାଦକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ସ୍ୱା./- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ବି.ଦ୍ର.- ପ୍ରକାଶ ଥାଉକି ବିଡିଏ କଲ୍ୟାଣ ମଣ୍ଡପ, ଖୋର୍ଦ୍ଧାଠାରେ ଉକ୍ତ ଦିନ ସକାଳ ୯.୩୦ ଘଟିକାଠାରୁ ନାମ ପଞ୍ଜୀକରଣ କରାଯିବ। ପ୍ରତ୍ୟେକ ସଭ୍ୟ ସମିତିର ସଭାପତି/ ଉପସଭାପତି/ ସଭ୍ୟ ଏଥି ସହ ସଂଲଗ୍ନିତ ନମୁନା ନିର୍ଦ୍ଧାରଣ ସହିତ ସାଧାରଣ ସଭାରେ ପ୍ରତିନିଧିତ୍ୱ କରିବା ପାଇଁ ପଠାଇବେ।

## ଆବାସ ତାଲିକାରୁ ବାଦ୍ ପଡ଼ିଲେ ୨୧୦୦ ହିତାଧିକାରୀ

କଟକ ସଦର,(ଡି.ଏନ୍.ଏ.): କଟକ ସଦର ବ୍ଲକ ଅଞ୍ଚଳରେ ପ୍ରାୟ ୨୧୦୦ ହିତାଧିକାରୀ ଆବାସ ତାଲିକାରୁ ବାଦ୍ ପଡ଼ିଥିବା ସୋମବାର ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ନୂଆ ଗାଇଡ ଲାଇନ ହେବା ପରେ ଏହି ହିତାଧିକାରୀମାନେ ବାଦ ପଡ଼ିଛନ୍ତି। ଅର୍ଥନୈତିକ ଜାତିଭିତ୍ତିକ ଜନଗଣନା ୨୦୧୧କୁ ମାନଦଣ୍ଡ ଭାବେ ଗ୍ରହଣ କରାଯିବାରୁ ପୂର୍ବରୁ ଟିଠା ତାଲିକାରେ ଥିବା ୨୩୫୭ଜଣଙ୍କ ମଧ୍ୟରୁ ୨୧୦୦ହିତାଧିକାରୀ ବାଦ ପଡିଛନ୍ତି।



### ସଂକ୍ଷେପରେ

## ସେବା, ସଂଘର୍ଷର ପ୍ରତୀକ ଥିଲେ ଅନ୍ନପୂର୍ଣ୍ଣା



କଟକ ଅଫିସ, ୩୧।୧୨: ଉତ୍କଳ ସର୍ବୋଦୟ ମଣ୍ଡଳ ଏବଂ ମହିଳା ସମିତିର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ପିଲିଗ୍ରିମରୋଡସ୍ଥିତ ଦାସସାହି ବସ୍ତିରେ ସର୍ବୋଦୟ ନେତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରଣାଙ୍କର ୭ମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି କୈଳାସ ସାହୁ ଅଧକ୍ଷତା କରିଥିଲେ। ସେ କହିଥିଲେ ଯେ, ଅନ୍ନପୂର୍ଣ୍ଣା ସେବା ଓ ସଂଘର୍ଷର ପ୍ରତୀକ ଥିଲେ। ସେ ସବୁବେଳେ ଲୋକଙ୍କୁ ବିଭିନ୍ନ ପ୍ରସଙ୍ଗରେ ସଚେତନ କରାଇବା ପାଇଁ ଚେଷ୍ଟା କରିଥିଲେ। ନିଶା ନିବାରଣ କାର୍ଯ୍ୟକୁ ବ୍ୟାପକ କରାଇଲେ ତାହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସଭାପତି ସାହୁ କହିଥିଲେ। ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ ଯୋଗଦେଇ କହିଥିଲେ, ଅନ୍ନପୂର୍ଣ୍ଣା ମହାରଣା ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ୧୯୨୮ ମସିହାରେ ମାତ୍ର ୧୧ ବର୍ଷ ବୟସରେ ସାଇମନ କମିଶନକୁ ବିରୋଧ ଓ ୧୯୩୦ ମସିହାରେ ପୂର୍ଣ୍ଣ ସ୍ୱରାଜ ହାସଲ କରିବା ଦାବି ନେଇ ହୋଇଥିବା ଆନ୍ଦୋଳନରେ ସେ ସାମିଲ ଥିଲେ। ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ଗିରଫ ହୋଇଥିଲେ । ଭାରତ ସ୍ୱାଧୀନତା ଲାଭ କଲାପରେ ସେ ଗାନ୍ଧିଜୀଙ୍କର ଅସ୍ପୃଶ୍ୟତା ନିବାରଣ, ସାମ୍ପ୍ରଦାୟିକ ସଦ୍ଭାବ ଆଦି ସମାଜ ସଂସ୍କାର କାର୍ଯ୍ୟଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇଥିଲେ। ଏହି ସଭାରେ ଅନ୍ନପୂର୍ଣ୍ଣା ପତି, ଲକ୍ଷ୍ମୀପ୍ରିୟା ମହାନ୍ତି, ବସ୍ତିନେତା ଶେଖ ଅବଦୁଲ୍ଲା ଓ ପ୍ରଭାସିନୀ କର ପ୍ରମୁଖ ଉପସ୍ଥିତ ଥିଲେ। ମାଳତୀ ପାତ୍ର ଧନ୍ୟବାଦ ଦେଇଥିଲେ।

## ଅଧକ୍ଷାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କଟକ ଅଫିସ, ୩୧।୧୨: ରଘୁନାଥ ଜୀଉ ଜୁନିୟର ମହାବିଦ୍ୟାଳୟର ଅଧକ୍ଷା ଅନିମା ଜେନାଙ୍କୁ ମଙ୍ଗଳବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଜଣେ କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତୀ, ମିଷ୍ଟଭାଷୀ, ସାଧାରଣ ମଣିଷକୁ ଭଲ ପାଉଥିବା ଲୋକ ଥିଲେ ବୋଲି ଅନୁଷ୍ଠିତ ସଭାରେ ମତ ପ୍ରକାଶ ପାଇଥିଲା। ତାଙ୍କର କାର୍ଯ୍ୟଶୈଳୀ ଏବଂ ଉଦାରତାକୁ ଅଧାପିକା, ଅଧାପକମାନେ ପ୍ରଶଂସା କରିଥିଲେ। ଅଧକ୍ଷା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ଡିଗ୍ରୀ କଲେଜର ଅଧକ୍ଷ ଡ. ସରୋଜ ଦାଶ, ଅଧାପକ ସାରଦାକାନ୍ତ ମିଶ୍ର, ଡ. ଲକ୍ଷ୍ମୀନାରାୟଣ ପଣ୍ଡା, ଡ. ହେମନ୍ତ କୁମାର ପରିଡ଼ା, ଡ. ରବିନାରାୟଣ ମହାରଣା, ଅନନ୍ତ ଚରଣ ନାୟକ, ଏକାଦଶୀ ସାହୁ, ପ୍ରଦୀପ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତଃ ରାଜ୍ୟ କାର୍ ଚୋରି ର୍ୟାକେଟର ପର୍ଦ୍ଦାଫାଶ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)/ କଟକରୋଡ୍ (ଡି.ଏନ୍.ଏ.)





ଜବତ ହୋଇଥିବା କାର ଓ ଗିରଫ ଦୁଇ ଅଭିଯୁକ୍ତ ।

- ୨ ଗିରଫ, ୮ ଦାମୀ କାର୍ ଜବତ
- ଠକେଇର ଶିକାର ହୋଇଥିଲେ ପୋଲିସ ବାବୁ
- ମାଷ୍ଟରମାଇଣ୍ଡକୁ ଧରିବାକୁ ପଶ୍ଚିମବଙ୍ଗରେ ସ୍ୱେଶାଲ ସ୍କ୍ୱାଡ୍

ଆନ୍ତଃରାଜ୍ୟ କାର ଚୋରି ଓ ଠକ ର୍ୟାକେଟର ପର୍ଦ୍ଦାଫାଶ କରିଛି କମିଶନରେଟ ପୋଲିସ। ଲୋକଙ୍କୁ ବିଳାସପୂର୍ଣ୍ଣ କାର ଦେବା ଆଳରେ ଠକେଇ କରୁଥିବା ଏହି ର୍ୟାକେଟର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୮କାର ଜବତ କରିଛି। ସେମାନେ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଖମରା ଗ୍ରାମର ଚିନ୍ମୟ ସାହୁ(୩୦) ଓ ଭୁବନେଶ୍ୱର ଲକ୍ଷ୍ମୀସାଗର ଖାରପଡା କେନାଲରୋଡ୍‌ର ଗୋପାଳ ମହାନ୍ତି(୩୪)। ଉଭୟଙ୍କ ଶିକ୍ଷାଗତ ଯୋଗ୍ୟତା ହେଲା ଏମ୍‌ସିଏ ଓ ଏମ୍‌ବିଏ। ଲକ୍ଷ୍ମୀସାଗର ଥାନାରେ ଆଇପିସି ଦଫା ୪୨୦ରେ ମାମଲା (ନଂ-୩୮୮/୧୯) ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି।

କମିଶନରେଟ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମିଶନର ଷଡ଼ଙ୍ଗୀ କହିଲେ, ଗତ ନଭେମ୍ବର ୧ରେ ଚିନ୍ମୟ ଖଣ୍ଡଗିରି ଥାନା ଏସ୍‌ଆଇ ସଞ୍ଜୟ କୁମାର ଷଣ୍ଢଙ୍କୁ ଏକ ଚୋରା କାର ବିକ୍ରି ପାଇଁ ଯୋଗାଯୋଗ କରିଥିଲେ। ଏଥିପାଇଁ ପ୍ରଥମେ ତାଙ୍କୁ ଟେଷ୍ଟ ଡ୍ରାଇଭ୍ ପାଇଁ ଲକ୍ଷ୍ମୀସାଗର ଛକକୁ ଡକାଇ କଥା ହୋଇଥିଲେ। ଏହାପରେ ଏସ୍‌ଆଇ ସଞ୍ଜୟ ଉକ୍ତ କାର (ନଂ.ଏଏସ୍-୦୧-ବିଜେଡ୍-୪୯୯୪) ୩ ଦିନ ଡ୍ରାଇଭିଂ କରିବା ପରେ କିଣିବା ପାଇଁ ରାଜି ହୋଇଥିଲେ। କାର୍‌ଟିର ଦାମ ୧୪ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିଲାବେଳେ ସଞ୍ଜୟ ଅଗ୍ରିମ ୮ଲକ୍ଷ ଟଙ୍କା ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଅଭିଯୁକ୍ତମାନେ ସଞ୍ଜୟଙ୍କୁ କାର୍ କିମ୍ବା ଦେଇଥିବା ଟଙ୍କା ଫେରାଇ ନ ଥିଲେ। କାରଣ ସଞ୍ଜୟ ପୋଲିସ ହୋଇଥିବାରୁ ଧରାପଡ଼ିବା ଭୟରେ ଆଉ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ଠକେଇର ଶିକାର ହୋଇଥିବା ଜାଣିବା ପରେ ଏସ୍‌ଆଇ ସଞ୍ଜୟ ଲକ୍ଷ୍ମୀସାଗର ଥାନାରେ ଡିସେମ୍ବର ୨୯ରେ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ସ୍ୱେଶାଲ ସ୍କ୍ୱାଡ୍, ଖଣ୍ଡଗିରି ଏବଂ ଲକ୍ଷ୍ମୀସାଗର ପୋଲିସ ଆରମ୍ଭ କରିଥିଲା। ପୋଲିସ ପ୍ରଥମେ ଚିନ୍ମୟଙ୍କୁ ଗିରଫ କରିବା ପରେ ଏହି ର୍ୟାକେଟ ବିଷୟରେ ସୂଚନା ପାଇଥିଲା। ପରେ ଅନ୍ୟତମ ଅଭିଯୁକ୍ତ ଗୋପାଳଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ପଚରାଉଚରାରୁ ଜଣାପଡିଥିଲା ଯେ, ସେମାନେ ପଶ୍ଚିମବଙ୍ଗ ଓ ଅନ୍ୟ ରାଜ୍ୟରୁ ଦାମୀ କାର ଚୋରି କରି ଓଡିଶାରେ ଶସ୍ତାରେ ବିକ୍ରି କରନ୍ତି। ଅନେକ କ୍ଷେତ୍ରରେ କାର୍ ନମ୍ବର ଓ ଚେସିସ୍ ନମ୍ବରକୁ ନକଲି କରି ଜାଲ୍ କାଗଜପତ୍ର ପ୍ରସ୍ତୁତ କରିଥାନ୍ତି। କଲିକତାର ପାପା ନାମକ ଯୁବକ ଏହାର ମାଷ୍ଟର ମାଇଣ୍ଡ୍। ତେବେ ସେମାନେ ଓଡ଼ିଶାରେ ବହୁ ଚୋରା ଗାଡ଼ି ବିକ୍ରି କରିଥିବା ଜଣାପଡିବା ପରେ ପୋଲିସ ଲୋକମାନେ କିଣିଥିବା ୮ ଚୋରା କାର୍‌କୁ ଜବତ କରିଥିଲା। ମାଷ୍ଟରମାଇଣ୍ଡ ପାପାକୁ ଧରିବା ପାଇଁ ପଶ୍ଚିମବଙ୍ଗରେ ଡେରା ପକାଇଛି ସ୍ୱେଶାଲ ସ୍କ୍ୱାଡ୍ ଟିମ୍। ସ୍ଥାନୀୟ ପୋଲିସ ସହଯୋଗରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବାବେଳେ ଗିରଫ ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା କରୁଥିବା ସୂଚନା ମିଳିଛି।



ଶତାବ୍ଦୀ ଭବନ ପରିସରସ୍ଥ ସାହିତ୍ୟ ଭବନରେ କଟକ କ୍ରିଏଟିଭ୍ ଆର୍ଟିଷ୍ଟ ପକ୍ଷରୁ ଅନୁଷ୍ଠିତ ଚିତ୍ର ଓ ସାହିତ୍ୟ ଆସରରେ ଯୋଗ ଦେଇଥିବା ଶିଳ୍ପୀ ଓ ଅତିଥିମାନେ ।

## ସାହିତ୍ୟ ସହ କଳାର ସମ୍ପର୍କ ଅତି ନିବିଡ଼

କଟକ ଅଫିସ, ୩୧।୧୨: ଚିତ୍ର କେବଳ କାନଭାସ୍‌ରେ କଥା କହେ ନାହିଁ, କବିତା, ଗୀତ, ସଙ୍ଗୀତ ଓ ଗପରେ ବି କଥା କହିଥାଏ। ସାହିତ୍ୟ ସହ କଳାର ସମ୍ପର୍କ ଅତି ନିବିଡ଼। କାହିଁ କେଉଁ କାଳରୁ ଆଜିଯାଏ ବିବର୍ତ୍ତିତ ପୃଥିବୀରେ ସାହିତ୍ୟକୁ ନେଇ ଚିତ୍ର ଯୋଡ଼ି ରହିଛି। ଚିତ୍ର ଓ ସାହିତ୍ୟର ଅନାବନା ଆସର କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଏହା କହିଛନ୍ତି। କ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପ୍ ପକ୍ଷରୁ ଶତାବ୍ଦୀ ଭବନ ପରିସରସ୍ଥ ସାହିତ୍ୟ ଭବନରେ ମଙ୍ଗଳବାର ଚିତ୍ର ଓ ସାହିତ୍ୟର ଅନାବନା ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସାହିତ୍ୟିକ ତଥା ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡ. ବିଜୟାନନ୍ଦ ସିଂହ ଉଦଘାଟନ କରିଥିଲେ। ଚିତ୍ର ସାହିତ୍ୟକୁ ଅଧିକ ରଙ୍ଗିମନ୍ତ କରୁଥିବାରୁ ଯୁଗେ ଯୁଗେ ସାହିତ୍ୟ ଅମର। ଚିତ୍ର ଓ ସାହିତ୍ୟ ସତେ ଯେମିତି ଅନ୍ଧାର ଆଲୁଅର ଖେଳସାଥୀ ବୋଲି ମୁଖ୍ୟବକ୍ତା ଭାବେ ଗୀତିକବି ସମାଜର ସଭାପତି ମନୋଜ ପଟ୍ଟନାୟକ ଯୋଗଦେଇ କହିଥିଲେ। ଏଥିରେ ପ୍ରତିମା ମିଶ୍ର, ବିଜୟ ମଲ୍ଲ, ପ୍ରସନ୍ନ ସ୍ୱାଇଁ, ଶଶିକାନ୍ତ ରାଉତ, ସଞ୍ଜୟ ମହାକୁଡ଼, ବସନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ସମ୍ବାଦପତ୍ର ଓ ପତ୍ରିକା ବିକ୍ରେତା ସଂଘର ସ୍ମୃତିସଭା

କଟକ ଅଫିସ, ୩୧।୧୨: କଟକ ଜିଲା ସମ୍ବାଦପତ୍ର ଓ ପତ୍ରିକା ବିକ୍ରେତା ସଂଘ ପକ୍ଷରୁ କଲେଜ ଛକସ୍ଥିତ ସିଡିଏ ମାର୍କେଟଠାରେ ଲକ୍ଷ୍ମୀଧର ଦାସଙ୍କ ବିୟୋଗରେ ମଙ୍ଗଳବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ସତ୍ୟ ମହାନ୍ତି ସଭାପତିତ୍ୱ କରିଥିଲେ। ସେ କହିଥିଲେ ଯେ, ଲକ୍ଷ୍ମୀଧର ଦାସ ଜଣେ ପରୋପକାରୀ ମଣିଷ ଥିଲେ। ତାଙ୍କର ବିୟୋଗରେ ସଂଘ ଜଣେ ସାଙ୍ଗଠନିକ ବ୍ୟକ୍ତିଙ୍କୁ ହରାଇଛି। ଏହି ସଭାରେ ବଟକୃଷ୍ଣ ସାହୁ, ସୁନାକର ମହାନ୍ତି, ରଞ୍ଜନ ବିଶୋଇ, ପତିତ ପାବନ ପଣ୍ଡା, ଚିତ୍ତରଞ୍ଜନ ମହାନ୍ତି, ଫୁଲଚନ୍ଦ ରାମ, ବିଶ୍ୱନାଥ ବୋଷ ଓ ରଞ୍ଜନ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ଜେଲରେ ଥାଇ ବ୍ୟବସାୟୀଙ୍କୁ ଧମକ ଦେବା ଘଟଣା

## ଗ୍ୟାଙ୍ଗଷ୍ଟର ସକିଲଙ୍କ ସହଯୋଗୀ ଗିରଫ

କଟକ ଅଫିସ, ୩୧।୧୨: ଜେଲ ଭିତରେ ଥାଇ ରଚୁଥିଲେ ଷଡ଼ଯନ୍ତ୍ର। କିଏ ଦାଦାବଟି ଦେବ, କାହାକୁ ଦେବ, କେମିତି ଦେବ ତାହାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ। ଏଥିସହ ଧମକ ଦେଇ ଦାଦାବଟି ମାଗୁଥିଲେ। ପରେ ତାଙ୍କ ସହଯୋଗୀମାନେ ବଟି ଆଦାୟ କରୁଥିଲେ। ଏ ସବୁ ଘଟଣାରେ ଗିରଫ ହୋଇ ଏବେ ଚୌଦ୍ୱାର ଜେଲ୍‌ରେ ଅଛନ୍ତି ଗ୍ୟାଙ୍ଗଷ୍ଟର ମହମ୍ମଦ ସକିଲ। ଉକ୍ତ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ତାଙ୍କ ସହଯୋଗୀ ରାଜେନ୍ଦ୍ର କୁମାର ପରିଡ଼ା(୩୨)ଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ତାଙ୍କ ଘର ଲାଲବାଗ ଥାନା ଅଧୀନ କନିକାଛକ ଅଞ୍ଚଳରେ ହୋଇଥିବାବେଳେ ତାଙ୍କଠାରୁ ୨ଟି ମୋବାଇଲ ଫୋନ ଜବତ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୧୨ତାରିଖରେ କଟକ ବକ୍ସିବଜାରସ୍ଥିତ ଆନନ୍ଦ ସ୍ପୋର୍ଟ୍ସର ମାଲିକ ଯୋଗେଶ ଅଗ୍ରୱାଲଙ୍କୁ ଏକ ଧମକ ପୂର୍ଣ୍ଣ କଲ୍ ଆସିଥିଲା। ଚୌଦ୍ୱାର ଜେଲରେ ଥିବା ଗ୍ୟାଙ୍ଗଷ୍ଟର ସକିଲ ଫୋନ କରି ଯୋଗେଶଙ୍କୁ ୧୦ଲକ୍ଷ ଟଙ୍କା ମାଗିଥିଲେ। ପରେ ତାଙ୍କ ଘରେ ସକିଲ୍‌ଙ୍କ ସହଯୋଗୀ ଜନ, ମୁକେଶ ଓ ଟାଇଗର ପହଞ୍ଚି ଯୋଗେଶଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇଥିଲେ। ଏ ନେଇ ଯୋଗେଶ ଦରଘାବଜାର ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ୧୧୭/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଦରଘାବଜାର ଥାନା ପୋଲିସ ପୂର୍ବରୁ ସକିଲଙ୍କ ବାପା, ଭାଇଙ୍କ ସମେତ ୫ଜଣଙ୍କୁ ଗିରଫ କରିଥିଲା।

## ଖବରଦାତାଙ୍କ ସୁରକ୍ଷା ଦାବିରେ ବିକ୍ଷୋଭ

କଟକ ଅଫିସ, ୩୧।୧୨: ଭୁବନେଶ୍ୱରର ଏକ ଶପିଂ ମଲ୍‌ରେ ମହିଳା ଖବରଦାତାଙ୍କ ଉପରେ ଆକ୍ରମଣ ଘଟଣାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କଟକ ଶାଖା ପକ୍ଷରୁ ନିନ୍ଦା କରାଯାଇଛି। ଏହି ଘଟଣା ପ୍ରତିବାଦରେ ମଙ୍ଗଳବାର କଲେଜ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏବିଭିପି କାର୍ଯ୍ୟକର୍ତ୍ତାମାନେ ପୋଲିସର ଅଭିଯୁକ୍ତମାନଙ୍କ ପ୍ରତି କୋହଳ ମନୋଭାବ ପୋଷଣକୁ ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ଖବରଦାତାମାନଙ୍କ ସୁରକ୍ଷା ପାଇଁ ଦାବି କରିଥିଲେ। ମହାନଗର ସମ୍ପାଦିକା ରାକ୍ଷୀ ନାୟକ, ଛାତ୍ର ନେତା ପ୍ରଦୀପ ପ୍ରଧାନ, ଇତିଶ୍ରୀ ପ୍ରିୟଦର୍ଶିନୀ ସ୍ୱାଇଁ, ମୃତ୍ୟୁଞ୍ଜୟ ସାମଲ, ବିଶ୍ୱଜିତ ଶତପଥୀ, ବିଭାଗ ସଂଯୋଜକ ସହଦେବ ସାହୁ, ବୁଦ୍ଧଦେବ ବାଗ୍, ଚିରଞ୍ଜୀବୀ ନାୟକ, ଶ୍ରୀଧର ସେଠୀ, ଓମ୍ ପ୍ରକାଶ ପଣ୍ଡା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ସୋନାଲି ବେହେରା ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ଥିଲେ।

### ନୂଆବର୍ଷ ମଉଜ ମଜଲିସ୍ ନେଲା ଜୀବନ

## ଗାଡ଼ି ଚକରେ ଚାପିହୋଇ ଯୁବକ ମୃତ

ଟିଗିରିଆ,୩୧।୧୨(ଡି.ଏନ୍.ଏ.)

ନୂଆବର୍ଷ ପାଇଁ ମଉଜ ମଜଲିସ କରୁଥିବା ବେଳେ ନଳକୂପ ଖୋଳା ଗାଡ଼ି ଚକାତଳେ ଚାପିହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। କଟକ ଜିଲା ଟିଗିରିଆ ଥାନା ଜେମାଦେଈପୁର ପଞ୍ଚାୟତ ଅନ୍ତର୍ଗତ ପଙ୍କାଳ ଛକ ନିକଟ ପେଟ୍ରୋଲ ପମ୍ପ କଡ଼ରେ ଏହି ଦୁର୍ଘଟଣା ଘଟିଛି। ସେ ହେଲେ ଦଶବନ୍ତପୁର ବ୍ଲକର ପବିତ୍ର ମୁଦୁଲି (୧୮)। ଖବରପାଇ ଟିଗିରିଆ ଥାନା ଏଏସ୍‌ଆଇ ରତ୍ନାକର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛନ୍ତି। ପ୍ରବିତ୍ର ଶ୍ରମିକ ଭାବେ ନଳକୂପ ଖୋଳା କାର୍ଯ୍ୟରେ ସାହାଯ୍ୟ କରନ୍ତି। ପ୍ରତିଦିନ ଭଳି ନିଜ କାର୍ଯ୍ୟ ସାରି କିଛି ସାଥୀଙ୍କ ସହ ମିଶି ନୂଆବର୍ଷ ପାଇଁ ଭୋଜି କରୁଥିଲେ। ମଉଜମଜଲିସ କରିବାକୁ ଯାଇ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ନଳକୂପ ଖୋଳା ଗାଡିକୁ ପଛକୁ ଗଡ଼ାଉଥିବା ବେଳେ ନିକଟରେ ପବିତ୍ର ଛିଡା ହୋଇଥିଲେ। ଗାଡିଚାଳକ ଏହା ଜାଣି ନ ପାରି ତାଙ୍କ ଉପରକୁ ଚଢ଼ାଉ ଦେଇଥିଲେ। ଫଳରେ ପବିତ୍ର ଚକାତଳେ ଚାପି ହୋଇଯାଇଥିଲେ। ଦୁର୍ଘଟଣା ପରେ ଗାଡି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

## ଖାନ୍‌ନଗର ହାଇସ୍କୁଲ ୧୯୮୬ ବ୍ୟାଚ୍ ବନ୍ଧୁମିଳନ

- ୫ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା




କଟକ ଅଫିସ, ୩୧।୧୨: ଖାନନଗର ହାଇସ୍କୁଲର ୧୯୮୬ ବ୍ୟାଚ୍‌ର ୫ମ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ୫ଜଣ ଅବସରପ୍ରାପ୍ତ ଶିକ୍ଷକ ସହଦେବ ଶତପଥୀ, ବୈଦ୍ୟନାଥ ରାଉତ, ନବକିଶୋର ବସ୍ତିଆ, ଅର୍ଜୁନ କିଶୋର ସାହୁ ଏବଂ ନିକୁଞ୍ଜ କିଶୋର ବାରିକଙ୍କୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାମିଜୀ ଭାବେ ପରିଚିତ ଶ୍ରୀ ଶ୍ରୀ ଯତି ଧର୍ମାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଦିବଂଗତ ଗୁରୁଜୀ ଏବଂ ଅନ୍ୟ ସାଥୀ ବିଦ୍ୟାର୍ଥୀମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଶୁଭାଶିଷ ତ୍ରିପାଠୀ, ଜୀବନ ବଲ୍ଲଭ ସାମଲ, ସ୍ୱରୂପ ରଥ, ଅଶୋକ କୁମାର ତରାଇ, ରାଜନ କୁମାର ବସ୍ତିଆ, ସୁନନ୍ଦା ଦାସ ଓ ପ୍ରଭାସିନୀ ସାହୁଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଶ୍ୱ ମୋହନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

ଖୁଣ୍ଟୁଣୀ,୩୧।୧୨(ଡି.ଏନ୍.ଏ): ବାଇକ୍ ଧକ୍କାରେ ମଙ୍ଗଳବାର ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଭୋଗରା ଗ୍ରାମର ଅପର୍ତ୍ତି ନାୟକ(୪୦)। ଆହତ ଦିନେଶ ମହାନ୍ତି ଓ ମିଟୁ ମହାନ୍ତିଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ କ୍ଲିନିକରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, କୁସପଙ୍ଗୀ ଗ୍ରାମର ଅକ୍ଷୟ ଖଟୁଆ ତାଙ୍କ ସ୍ତ୍ରୀ ଙ୍କ ସହ ବାଇକରେ ଆଠଗଡ଼ ଅଭିମୁଖେ ଯାଉଥିଲେ। ଭୋଗରା ଗ୍ରାମ ଖାଡୁଆରୀ ଗ୍ରାମଦେବତୀ ସମ୍ମୁଖରେ ହଠାତ୍ ତାଙ୍କ ବାଇକ୍ ଅପର୍ତ୍ତିଙ୍କ ସାଇକେଲକୁ ଧକ୍କା ଦେଇଥିଲା। ପରେ ଆଗରେ ଯାଉଥିବା ଅନ୍ୟ ଏକ ସାଇକେଲକୁ ମଧ୍ୟ ଧକ୍କା ଦେଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରି ତଦନ୍ତ ଚଳାଇଛି।

### ଅଭିନେତ୍ରୀଙ୍କ ପୁରୁଷ ବନ୍ଧୁଙ୍କ ନାମରେ ଅଭିଯୋଗ ଆଣିଲେ ବ୍ୟବସାୟୀ

## ଫିଲ୍ମରେ ହିରୋ କରାଇ ଦେବା ଆଳରେ ୧୧ଲକ୍ଷ ଠକେଇ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ):

- ଅଭିନେତ୍ରୀ ଓ ପୁରୁଷ ବନ୍ଧୁ ଫେରାର
- ଲିଖିତ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ : ଡିସିପି

ବିବାହ କରିବା ଆଳରେ ବିଶାଖାପାଟଣାର ପଦ୍ମାରାକୁ ଶିବକୁମାରଙ୍କଠାରୁ ଠକେଇ କରିଥିବା ଓଲିଉଡ୍ ଅଭିନେତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କ ନାମରେ ଅଭିଯୋଗର ତାଲିକା ଲମ୍ବିବାରେ ଲାଗିଛି। ମଙ୍ଗଳବାର କଟକର ଜଣେ ବ୍ୟବସାୟୀ ଆଉ ଏକ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଓଡିଆ ଫିଲ୍ମରେ ହିରୋ କରାଇ ଦେବାକୁ କହି ଅଭିନେତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁ ୧୧ଲକ୍ଷ ଟଙ୍କା ଠକି ନେଇଥିବା ସେ ଗଣମାଧ୍ୟମକୁ ଜଣାଇଛନ୍ତି। ଏହାସହ ବ୍ୟବସାୟୀ ଜଣକ ଅଭିନେତ୍ରୀଙ୍କ ପୁରୁଷ ବନ୍ଧୁଙ୍କ ସହ ହୋଇଥିବା ବାର୍ତ୍ତାଳାପର ଅଡିଓ ମଧ୍ୟ ଦେଇଛନ୍ତି। ବ୍ୟବସାୟୀ ଜଣକ କହିଛନ୍ତି, ଦୁଇବର୍ଷ ତଳେ ଉକ୍ତ ଟଙ୍କା ନେଇଥିଲେ ମଧ୍ୟ ଫିଲ୍ମରେ ରୋଲ୍ ଦେଇ ନ ଥିଲେ। ଟଙ୍କା ଫେରସ୍ତ ମାଗିଥିଲେ ମଧ୍ୟ ସେ ଧରାଛୁଆଁ ନେଇଥିଲେ। ଏପରି କି ଥାନାରେ ଅଭିଯୋଗ କଲେ ବଳାତ୍କାର ମାମଲାରେ ଫସାଇଦେବୁ ବୋଲି ଧମକ ଦେଇଥିଲେ। ଫଳରେ ସେ ଭୟରେ ଥାନାରେ ଅଭିଯୋଗ କରି ନ ଥିବା ବ୍ୟବସାୟୀ ଜଣକ କହିଛନ୍ତି। ଅନ୍ୟପକ୍ଷରେ ଗୋଟିଏ ପରେ ଗୋଟିଏ ଅଭିଯୋଗ ଆସୁଥିବାରୁ ଗିରଫ ଭୟରେ ଅଭିନେତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁ ଫେରାର ହୋଇଯାଇଥିବା ସୂଚନା ମିଳିଛି। ସେମାନଙ୍କ ଫୋନ୍ ମଧ୍ୟ ବନ୍ଦ ରହିଥିବାରୁ ସନ୍ଦେହ ଦୃଢ଼ୀଭୂତ ହୋଇଛି।

ସୂଚନାଯୋଗ୍ୟ, ଅଭିନେତ୍ରୀ ଜଣକ ଅନେକ ଯୁବକଙ୍କୁ ପ୍ରେମ ଜାଲରେ ଫସାଇ ଟଙ୍କା ଓ ସମ୍ପତ୍ତି ଲୁଟିଥିବା ଅଭିଯୋଗ ହେଉଛି। ବିଶାଖାପାଟଣାର ଶିବ କୁମାରଙ୍କଠାରୁ ବିବାହ ପ୍ରତିଶ୍ରୁତି ଦେଇ ଅଢେଇ ଲକ୍ଷ ଟଙ୍କା, ସୁନା ଚେନ୍ ଓ ଲାପଟପ ଠକି ନେଇଥିଲେ। ଫିଲ୍ମରେ ରୋଲ୍ ଦେବାକୁ କହି ବ୍ରହ୍ମପୁରର ଜଣେ ଯୁବକଙ୍କଠାରୁ ୧୦ ହଜାର ଟଙ୍କା ଠକେଇ କରିଥିଲେ। ଝାରସୁଗୁଡାର ଜଣେ ଯୁବକଙ୍କୁ ପ୍ରେମରେ ଫସାଇ ବିବାହ ବାହାନାରେ ୪ ଲକ୍ଷ ଟଙ୍କା ନେଇଥିଲେ। ଏ ନେଇ ଡିସିପି ଅନୁପ କୁମାର ସାହୁ କହିଛନ୍ତି, ଲିଖିତ ଅଭିଯୋଗ ହେବା ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବିଡ଼ାନାସୀ ଭୁଆସୁଣୀ କ୍ଲବ ଚାମ୍ପିୟନ

ଖୁଣ୍ଟୁଣୀ,୩୧।୧୨(ଡି.ଏନ୍.ଏ): କଟକ ବିଡାନାସୀର ଭୁଆଶୁଣୀ କ୍ଲବ ଆଠଗଡ଼ ବ୍ଲକ ଅନ୍ତର୍ଗତ ଓରନ୍ଦା ସମ୍ଭେଶ୍ୱର ଖେଳପଡ଼ିଆରେ ଚାଲିଥିବା ମହାଦେବ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ପ୍ରତିଯୋଗିତାର ଏକତରଫା ଫାଇନାଲରେ ଦଳ ୫-୦ ଗୋଲ୍‌ରେ ମୃଷୁଳିଆର ବନଦୁର୍ଗା ବିର୍ସାମୁଣ୍ଡା କ୍ଲବକୁ ହରାଇ ଦେଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ୩ ଏବଂ ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ ସ୍କୋର ହୋଇଥିଲା। ସମ୍ଭେଶ୍ୱର କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସରେ ଡାକ୍ତର ରମେଶ ଚନ୍ଦ୍ର ସିଂ, ଇଞ୍ଜିନିୟର ପ୍ରତାପ ଚନ୍ଦ୍ର ସାମଲ ଏବଂ ବିଜୟ କୁମାର ସାମଲ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଗୋଲକିପର ଭାବେ ମୃଷୁଳିଆର ଚୈତନ୍ୟ ହେମ୍ବ୍ରମ, ଶ୍ରେଷ୍ଠ ଫରୱାର୍ଡ ଭାବେ ଦାରା ସିଂ, ବିଡ଼ାନାସୀର ଚିଣ୍ଟୁ ଦାସ ମ୍ୟାନ ଅଫ୍ ଦି ଫାଇନାଲ ଏବଂ ମନୋଜ ଦାସ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ ହୋଇଥିଲେ। ବିଜୟୀ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମଙ୍ଗଳବାର ଫାଇନାଲରେ ସଞ୍ଜୀବ ଦାସ ରେଫରୀ ଦାୟିତ୍ୱ ତୁଲାଇଥିଲେ। ରଜାକ୍ ଖାଁ ଏବଂ ସଫିକ୍ ଅଲ୍ଲୀ ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ ।

**କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, କଟକ**
ନିମ୍‌ଚଉଡ଼ି, କଟକ-୭୫୩୦୦୨
ଫୋନ୍ ନଂ.(PBX) : ୦୬୭୧-୨୩୩୯୭୦୦, ଫ୍ୟାକ୍ସ-୦୬୭୧-୨୫୦୯୨୦୬

**ଦୀର୍ଘ ୭୩ ବର୍ଷଧରି ନିରବଚ୍ଛିନ୍ନ ଭାବରେ ଚାଷ ଓ ଚାଷୀର ସେବାରେ ଉତ୍ସର୍ଗିକୃତ ସମବାୟ ବ୍ୟାଙ୍କ**

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଭୁକ୍ତ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ସମସ୍ତ ଚାଷୀଭାଇମାନଙ୍କୁ ଅନୁରୋଧ, ନିଜ ଅଞ୍ଚଳରେ ଥିବା ସେବା ସମବାୟ ସମିତିରେ ସଭ୍ୟଭୁକ୍ତ ହୋଇ କିଷାନ କ୍ରେଡ଼ିଟ କାର୍ଡ ମାଧ୍ୟମରେ ସ୍ୱଳ୍ପ ସୁଧରେ କୃଷି ଋଣ ଓ ଅନ୍ୟାନ୍ୟ ସୁବିଧା ଗ୍ରହଣ କରନ୍ତୁ। କିଷାନ କ୍ରେଡ଼ିଟ କାର୍ଡଧାରୀ ଚାଷୀଭାଇମାନେ ସମିତିରେ ଋଣ ସୁଝିବା ସମୟରେ ରାଜ୍ୟ ସମବାୟ ବ୍ୟାଙ୍କର ଛାୟା ଛବିଥିବା ରସିଦ୍ ନେବାକୁ ଭୁଲନ୍ତୁ ନାହିଁ। କୌଣସି ପରିସ୍ଥିତିରେ KCC Pass Book ଓ Cheque ବହି ସମିତି ସମ୍ପାଦକ କିମ୍ବା ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ନ ଦେଇ ନିଜେ ଆସି ଶାଖା ବ୍ୟାଙ୍କରୁ ଋଣ ଗ୍ରହଣ କରନ୍ତୁ। ଆପଣଙ୍କ ଅସାବଧାନତା ଯୋଗୁଁ ଅନ୍ୟ କେହି ଆପଣଙ୍କ ନାମରେ, ଆପଣଙ୍କ KCC Cheque ମାଧ୍ୟମରେ ଋଣ ଗ୍ରହଣ କଲେ ଏଥିପାଇଁ ଆପଣ ହିଁ ଦାୟୀ ରହିବେ। ଆପଣଙ୍କ ସ୍ୱାକ୍ଷର ଥିବା KCC ଚେକ୍ କୌଣସି ସମିତି/ବ୍ୟାଙ୍କ କର୍ମଚାରୀ ଅଥବା ତୃତୀୟ ପକ୍ଷକୁ ହସ୍ତାନ୍ତର କରନ୍ତୁ ନାହିଁ। ଯେଉଁ ଚାଷୀଭାଇମାନେ ଋଣ କିସ୍ତି ତାରିଖ କିମ୍ବା ତା ପୂର୍ବରୁ କୃଷି ଋଣ ପରିଶୋଧ ନ କରିବେ ସେମାନେ ସୁଧ ରିହାତି ହରାଇବା ସହିତ ଖିଲାପି ସୁଧ ବାର୍ଷିକ ୧୩.୭୫% ହାରରେ ପରିଶୋଧ କରିବେ।

**ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଖୋର୍ଦ୍ଧା**
୧୦୩ ତମ ବାର୍ଷିକ ସାଧାରଣ ସଭା ନୋଟିସ୍

ନୋଟିସ୍ ନଂ.2896(A) ତା.୨୪।୧୨।୨୦୧୯ରିଖ

ଏତଦ୍ୱାରା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧାର ସମସ୍ତ ଅଂଶୀଦାରମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୧୦୩ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା୧୦।୦୧।୨୦୨୦ରିଖ ଶୁକ୍ରବାର ପୂର୍ବାହ୍ନ ୧୧.୦୦ଘଟିକା ସମୟରେ ଖୋର୍ଦ୍ଧା ସ୍ଥିତ ବିଡିଏ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ। ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ଯୋଗଦାନକରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁରୋଧ।

ସଭାପତିଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./- ସୁବାଷ ଚନ୍ଦ୍ର ମିଶ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

**କାର୍ଯ୍ୟସୂଚୀ-**

୧. ତା.୦୭।୦୩।୨୦୧୯ ରିଖରେ ଅନୁଷ୍ଠିତ ହୋଇଥିବା ୧୦୨ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ। ୨. ୨୦୧୮-୧୯ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ। ୩. ଗତ ୨୦୧୮-୧୯ବର୍ଷର ସମୀକ୍ଷା ପତ୍ର ଓ ତତ୍ ସଂଲଗ୍ନ ଆୟ, ବ୍ୟୟ, ପ୍ରାପ୍ୟ, ଦେୟ ହିସାବ ପଠନ ଓ ଅନୁମୋଦନ। ୪. ୨୦୧୮-୧୯ବର୍ଷର ନିଟ୍ ଲାଭର ବିନିଯୋଗ ପ୍ରସ୍ତାବ ଗ୍ରହଣ। ୫. ବ୍ୟାଙ୍କର ଆଗାମୀ ୨୦୨୦-୨୧ବର୍ଷର ଆୟ ବ୍ୟୟ ଅଟକଳ(ବଜେଟ୍) ଅନୁମୋଦନ। ୬. ଆଗାମୀ ୨୦୨୦-୨୧ବର୍ଷ ପାଇଁ ବ୍ୟବସାୟିକ ଅଭିବୃଦ୍ଧି ଯୋଜନା ପଠନ ଓ ଦୃଢ଼ୀକରଣ। ୭. ବ୍ୟାଙ୍କର ଏକକାଳୀନ ଋଣ ପରିଶୋଧ ଯୋଜନାରେ ଚଳିତ ବର୍ଷର କ୍ଷତିର ଭରଣା ଓ ଏହି ଯୋଜନା ୨୦୨୦-୨୧ବର୍ଷ ନିମିତ୍ତ କାର୍ଯ୍ୟକାରୀ କରିବା ପ୍ରସ୍ତାବ ଅନୁମୋଦନ। ୮. ବୃତାନ୍ତ 'କ' ଶ୍ରେଣୀ ସଭ୍ୟ ଅନୁମୋଦନ। ୯. ବ୍ୟାଙ୍କର ଅନାଦେୟ ଋଣ ଆଦାୟ ନିମନ୍ତେ SARFAESI Act-2002 କାର୍ଯ୍ୟକାରୀ କରିବାର ଅନୁମୋଦନ। ୧୦. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)

ପରିପତ୍ର ନଂ.2897 (A) ତାରିଖ: ୨୪।୧୨।୨୦୧୯

ଏହାର ଏକକିତା ନକଲ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ସମସ୍ତ ଅଂଶୀଦାର ଓ ସମିତି ସମ୍ପାଦକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ସ୍ୱା./- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ବି.ଦ୍ର.- ପ୍ରକାଶ ଥାଉକି ବିଡିଏ କଲ୍ୟାଣ ମଣ୍ଡପ, ଖୋର୍ଦ୍ଧାଠାରେ ଉକ୍ତ ଦିନ ସକାଳ ୯.୩୦ ଘଟିକାଠାରୁ ନାମ ପଞ୍ଜୀକରଣ କରାଯିବ। ପ୍ରତ୍ୟେକ ସଭ୍ୟ ସମିତିର ସଭାପତି/ ଉପସଭାପତି/ ସଭ୍ୟ ଏଥି ସହ ସଂଲଗ୍ନିତ ନମୁନା ନିର୍ଦ୍ଧାରଣ ସହିତ ସାଧାରଣ ସଭାରେ ପ୍ରତିନିଧିତ୍ୱ କରିବା ପାଇଁ ପଠାଇବେ।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

**ଖୋର୍ଦ୍ଧା ଅଫିସ,୩୧।୧୨:** ୧୬ନଂ. ଜାତୀୟ ରାଜପଥର କୁରାମମଲ୍ଲ ଛକଠାରେ ଅଜଣା ଗାଡି ଧକ୍କାରେ ସୋମବାର ରାତିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ ନଳିନୀ ବଳିଆସିଂହ(୫୦)। ଘର ଖୋର୍ଦ୍ଧା ଜିଲା ଜଟଣୀ ଥାନା ବେଲପଡା ଗାଁରେ। ବେଲପଡା ଗାଁର ନଳିନୀ ବଳିଆସିଂହ ନାତୁଣୀର ଏକୋଇଶିଆ କାର୍ଯ୍ୟରେ ବେଗୁନିଆ ବ୍ଲକର ଗୋଡା ଗାଁରେ ଯୋଗଦେଇ ସ୍କୁଟି ଯୋଗେ ପୁତୁରା ସହ ଘରକୁ ଫେରୁଥିଲେ। ବାଇକ୍ (ନଂ. ଓଡି ୦୨ଏମ ୯୮୦୦) ତ୍ରୁଟିପୂର୍ଣ୍ଣ ରାସ୍ତାରେ ଆସି ନଳିନୀଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ନଳିନୀ ରାସ୍ତାରେ ପଡି ଯାଇଥିଲେ। ଏହି ସମୟରେ ଅଜଣା ଗାଡି ନଳିନୀଙ୍କୁ ମଡାଇ ଚାଲି ଯାଇଥିଲା। ଘଟଣାସ୍ଥଳରେ ନଳିନୀଙ୍କ ମୃତ୍ୟୁ ଘଟିଥିଲା। ନଳିନୀଙ୍କ ପୁତୁରା ବର୍ତ୍ତି ଯାଇଥିଲେ। ଖବରପାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ଘଟଣାର ତଦନ୍ତ କରୁଛି।

ପିଏଚ୍‌ଡି ମନମୁଖିର ପ୍ରତିବାଦ

### ପାଇପ ଲାଇନ ଖୋଳା କାମ ବନ୍ଦ କଲେ ଗ୍ରାମବାସୀ



**ଖୋର୍ଦ୍ଧା ଅଫିସ,୩୧।୧୨:** ଖୋର୍ଦ୍ଧା ପିଏଚ୍‌ଡିର ମନମୁଖି କାର୍ଯ୍ୟକଳାପର ବିରୋଧ କରିଛନ୍ତି ଖୋର୍ଦ୍ଧା ସହର ବରୁଣେଇ ନୂଆସାହିର ବାସିନ୍ଦା। ସେମାନେ ମଙ୍ଗଳବାର ପାଇପ ବିଛାଇବା ପାଇଁ ଖନନ କାର୍ଯ୍ୟକୁ ବନ୍ଦ କରାଇ ପ୍ରତିବାଦ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଯୁକ୍ତି ଅନୁସାରେ କିଛି ମାସ ତଳେ ବରୁଣେଇ ନୂଆସାହିକୁ ଖନନ କରାଯାଇ ପାଇପ ପଡିଥିଲା। ତେବେ ତରବରିଆ ଭାବେ ପାଇପ କଢ଼ାଯାଇ ପରେ ପକାଯିବ କୁହାଯାଇଥିଲା। ଏପରି କି ପାଇପ ପଡିବା ପାଇଁ ଖୋଳା ଯାଇଥିବା ଗର୍ତ୍ତ ବି ପୋତା ଯାଇ ନ ଥିଲା। ଏଭଳିସ୍ଥଳେ ସ୍ଥାନୀୟ ଲୋକ ଗର୍ତ୍ତ ପୋତି ଥିଲେ। ଏବେ ଯେଉଁ ଗର୍ତ୍ତ କରାଯାଉଛି ତାହା ନୂଆସାହିର ଅଧା ପର୍ଯ୍ୟନ୍ତ କରାଯାଇଥିଲା। ଯାହାକୁ ନେଇ ଲୋକମାନେ ଉତ୍ତେଜିତ ହୋଇଥିଲେ। ଏ ନେଇ ଭାଗୀରଥି ଦାଶ କୁହନ୍ତି, ବରୁଣେଇ ନୂଆସାହିରେ ୪ଟି ପାଇପ ଏବେ ପକାଯିବ। ଅନ୍ୟ ଅଞ୍ଚଳ ଏଷ୍ଟିମେଣ୍ଟ କରି ଦିଆଯାଇଛି। ଅନୁମତି ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

ମୁକ୍ତେଶ୍ୱର ଫୁଟବଲ ଟୁର୍ନାମେଣ୍ଟ

### ସ୍ପୋର୍ଟ୍ସ ହଷ୍ଟେଲ କଟକ ସେମିରେ

**ଖୋର୍ଦ୍ଧା ଅଫିସ,୩୧।୧୨:** ଖୋର୍ଦ୍ଧା ଉପକଣ୍ଠ ନିଆଳି ମୁକ୍ତେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୮ମ ରାଜ୍ୟସ୍ତରୀୟ ରାଧାମୋହନ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗା ୟୁନାଇଟେଡ ଭୁବନେଶ୍ୱରକୁ ୩-୦ ଗୋଲରେ ହରାଇ ସ୍ପୋର୍ଟ୍ସ ହଷ୍ଟେଲ କଟକ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧରେ ମ୍ୟାଚଟି ବେଶ ସଂଘର୍ଷ ପୂର୍ଣ୍ଣ ହୋଇଥିବା ବେଳେ ଖେଳର ୧୧ ମିନିଟ୍‌ରେ ସ୍ପୋର୍ଟ୍ସ ହଷ୍ଟେଲର ସୁଜିତ୍ ତିର୍କୀ ପ୍ରଥମ ଗୋଲ କରି ଦଳକୁ ଅଗ୍ରଣୀ ରଖିଥିଲେ। ସେହିପରି ଖେଳର ଦ୍ୱିତୀୟାର୍ଦ୍ଧର ୩୯ ମିନିଟ୍‌ରେ ଯିଶୁ ହେମ୍ବ୍ରମ ଏବଂ ୪୭ ମିନିଟ୍‌ରେ ଅମନ ନାୟକ ପ୍ରମୁଖ ଦୁଇଟି ପୃଥକ୍ ପୃଥକ୍ ସ୍କୋର କରି ଖେଳରେ ଏକତରଫା ଭାବେ ବିଜୟୀ ହୋଇଥିଲେ। ଅତିଥି ଭାବେ ହଳଦିଆ ସରପଞ୍ଚ ସୋଭନ ସାହୁ, ମଲ୍ଲିପୁର ସରପଞ୍ଚ ବିଜୟ କୁମାର ଦାସ ଓ କେରଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସାମାଜିକ କର୍ମୀ ମୁନିରୁଦ୍ଦିନ ଖାନ ପ୍ରମୁଖ ଯୋଗଦେଇଥିଲେ। ସ୍ପୋର୍ଟର୍ସ ହଷ୍ଟେଲର ଶ୍ରେଷ୍ଠ ଖେଳାଳି ସୁଜିତ୍ ତିର୍କୀ ପୁରସ୍କୃତ ହୋଇଥିଲେ। ନୂଆବର୍ଷ ପାଇଁ ଖେଳ ବନ୍ଦ ରହୁଥିବା ବେଳେ ୨ ତାରିଖରେ ଖେଳ ମଙ୍ଗଳା କ୍ଲବ କଟକ ଓ ଯାଜଦାନୀ କ୍ଲବ ୭୩ ମଧ୍ୟରେ ଅନୁଷ୍ଠିତ ହେବ।

### ଖବରଦାତାଙ୍କ ପିତୃ ବିୟୋଗ

**ବୋଲଗଡ,୩୧।୧୨(ଡି.ଏନ.ଏ.)-** ବୋଲଗଡ ବ୍ଲକ ଅଞ୍ଚଳର କାର୍ଯ୍ୟରତ ଖବରଦାତା ବିଷ୍ଣୁ ପ୍ରସାଦ କରଙ୍କ ବାପା ପଣ୍ଡିତ କୈଳାସ ଚନ୍ଦ୍ର କର(୬୫)ଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ସେ କିଡନୀ ଜନିତ ରୋଗରେ ବହୁଦିନ ଧରି ପୀଡିତ ଥିଲେ। ତାଙ୍କର ଡାଏଲିସିସ୍ କରାଯିବାକୁ ଭୁବନେଶ୍ୱର ନେଉଥିବା ବେଳେ ରାସ୍ତାରେ ପରଲୋକ ଘଟିଥିଲା।

■ ବରୁଣେଇରେ ପର୍ଯ୍ୟଟକଙ୍କ ଗହଳି

# ବଣଭୋଜି, ପାହାଡ଼ ଚଢ଼ି ନେଉଛନ୍ତି ମଜା



ବରୁଣେଇ ପୀଠ ଠାକୁରାଣୀଙ୍କ ଦର୍ଶନ ସାରି ପର୍ଯ୍ୟଟକମାନେ ଫେରୁଛନ୍ତି।

**ଖୋର୍ଦ୍ଧା ଅଫିସ,୩୧।୧୨:**

ଆଜି ନୂଆ ବର୍ଷ। ବଣଭୋଜି, ପାହାଡ ଚଢ଼ା, ଗୁମ୍ଫା ପରିଦର୍ଶନ ଓ ଦେବୀ ଦର୍ଶନ ପାଇଁ ଖୋର୍ଦ୍ଧା ସହରର ବରୁଣେଇ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ ଜମୁଛି। ପ୍ରତିଦିନ ଶତାଧିକ ସଂଖ୍ୟାରେ ପର୍ଯ୍ୟଟକ ବରୁଣେଇକୁ ଆସୁଛନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପୀଠରେ ଗହଳି ଲାଗିରହୁଛି। ଏଠାରେ ବରୁଣେଇ ଓ କରୁଣେଇ ଠାକୁରାଣୀଙ୍କ ଦର୍ଶନ ସହ ପାହାହ ଚଢିବାର ମଜା ନିଆରା। ସେପରି ବରୁଣେଇ ପାହାଡ ଉପରେ ଥିବା ସୀତାକୁଣ୍ଡ, ପାଣ୍ଡବ ଭରା ଗୁମ୍ଫା, ବାଘ ଗୁମ୍ଫା, ଶ୍ରୀରାମ ପଥର(ଚକରାପଥର) ଦେଖିବା ଓ ପ୍ରକୃତିର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ କରେ ଆନମନା। ଏହି ଅଞ୍ଚଳକୁ ଯିବା ପାଇଁ ରାସ୍ତା ମଧ ନିର୍ମାଣ ହୋଇସାରିଛି। ପୁଣି ଝରଣା ଜଳରେ ସ୍ନାନ କରିବାର ମଜା ମନକୁ ଆନନ୍ଦ ଦେଇଥାଏ। ଏ ନେଇ ଐତିହାସିକ ସତ୍ୟବାଦୀ ବଳିଆରସିଂହ କୁହନ୍ତି, ପାହାଡ ଉପରେ ରହିଛି ଅଦଲ କୁଣ୍ଡ। ଯେଉଁଠାରୁ ଝରଣା ବାହାରି ମା' ବରୁଣେଇ, କରୁଣେଇଙ୍କ ପାଦ ଦେଶରେ ପ୍ରବାହିତ ହେଉଛି। ପୁଣି ଏଠାକାର ଗୁମ୍ଫା ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ଏଠାକୁ ରାମଚନ୍ଦ୍ର, ସୀତା ଓ ଲକ୍ଷ୍ମଣ ଆସି କିଛିଦିନ କଟାଇଥିଲେ। ମହାଭାରତର ପଞ୍ଚପାଣ୍ଡବ ମଧ ରହିଥିଲେ। ବରୁଣେଇ ପାହାଡର ମହିମା କପିଳା ସଂହିତାରେ ବର୍ଣ୍ଣିତ ରହିଛି। ଅନୁଗୋଳର ଭିକାରୀ ପ୍ରଧାନ ନାମକ ଜଣେ ପର୍ଯ୍ୟଟକ କହିଛନ୍ତି, ବରୁଣେଇ ପୀଠର ବିକାଶ ଚାଲିଛି। ହେଲେ ଠିକ୍ ସମୀକ୍ଷା ହେଉ ନ ଥିବାରୁ ପୀଠରେ ଉନ୍ନତି ସ୍ୱଳ୍ପ ସମୟ ମଧ୍ୟରେ ନଷ୍ଟ ହୋଇଯାଉଛି।

### ନାହିଁ ନାମଫଳକ, ରାସ୍ତା ଓ ଡ୍ରେନ ଭାଙ୍ଗି ଗଲାଣି

ବରୁଣେଇକୁ ଯିବାକୁ ବରୁଣେଇ ହୋଟେଲ ନିକଟସ୍ଥ ଓଭର ବ୍ରିଜ ପାଖରେ ଯେଉଁ ନାମ ଫଳକ ଲାଗିଥିଲା ତାହାକୁ କାଢ଼ି ନିଆଯାଇଛି। କିଏ ତାହାକୁ କାହିଁକି କାଢ଼ିଲା ଜଣାପଡିନି। ଜଣେ ପର୍ଯ୍ୟଟକ ବରୁଣେଇକୁ ଆସିଲେ ଜାଣିପାରୁନି ଏଠାକୁ ଯିବାକୁ ଥିବା ରାସ୍ତା ସମ୍ପର୍କରେ। ସେହିପରି ବରୁଣେଇକୁ ପଡିଥିବା ରାସ୍ତା ମରଣଯନ୍ତା ପାଲଟିଲାଣି। ରାସ୍ତାପାର୍ଶ୍ୱ ଭୁଶୁଡିବା ଆରମ୍ଭ ହେଲାଣି। କିଛି ସ୍ଥାନରେ ରାସ୍ତା ଭୁଶୁଡି ଡ୍ରେନ ଭାଙ୍ଗି ଗଲାଣି। ଡ୍ରେନ ଭାଙ୍ଗି ଥିବା ଜାଗାକୁ କେତେକ ସ୍ଥାନରେ ମୋରମ ପକାଇ ଲୁଚାଇବାକୁ ଚେଷ୍ଟା କରାଯାଇଛି। ମୋଟାମୋଟି ଭାବେ ବରୁଣେଇକୁ ପଡିଥିବା ରାସ୍ତାରେ ଫାଟ ସୃଷ୍ଟି ହୋଇ ଦବିବା ଆରମ୍ଭ ହେଲାଣି। ପୁଣି ଡ୍ରେନ ଭାଙ୍ଗି ଚାଲିଛି। ପ୍ରାୟ ବର୍ଷେ ତଳେ ହୋଇଥିବା କାର୍ଯ୍ୟ କେତେଦୂର ନିମ୍ନମାନର ତାହାର ପ୍ରମାଣ ଦେବାକୁ ପଡିବ ନାହିଁ। ଏଭଳିସ୍ଥଳେ ପ୍ରଶାସନିକ ତଦନ୍ତ କରାଯାଇ ରାସ୍ତାର ମରାମତି କରାଯାଉନି।

### ସଜେଇ ହେଉଛି

ବରୁଣେଇ ଡାକବଙ୍ଗଳା, ପାର୍କର କାନ୍ଥବାଡରେ ବିଭିନ୍ନ କିସମର ଚିତ୍ର କରାଯାଇଛି। ଏବେ ବରୁଣେଇର ଶୌଚାଳୟରେ ଶିଳ୍ପୀମାନେ ଅନୁରୂପ ଭାବେ ବିଭିନ୍ନ ଚିତ୍ର ଆଙ୍କିବାରେ ଲାଗିପଡିଛନ୍ତି। ବରୁଣେଇକୁ ଥରେ ଯିଏ ଆସିବ, ବାରମ୍ବାର ଯେପରି ଆସିବ ସେନେଇ ଚେଷ୍ଟା ଜାରି ରହିଛି। ଛୋଟ ପିଲାମାନେ ପାର୍କରେ ଯେପରି ସମୟ କାଟିବେ ସେନେଇ ନୂଆକରି ପାର୍କ କରାଯାଇଛି। ଦୋଳିର ବ୍ୟବସ୍ଥା ମଧ୍ୟ ରହିଛି।




### ଯୁବକମାନଙ୍କ ଦ୍ୱାରା ୧୦୦ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ବରିଷ୍ଠ ବ୍ୟକ୍ତି ଓ ଅନ୍ୟମାନେ।

**ନିରାକାରପୁର,୩୧।୧୨(ଡି.ଏନ୍. ଏ.):** ସ୍ଥାନୀୟ ବାଲିଗାଡିଆ ବାସନ୍ତୀପଡିଆ ଠାରେ ଓଁ ଶ୍ରୀ ଯୁବ ପରିଷଦ ଆନୁକୂଲ୍ୟରେ ମଙ୍ଗଳବାର ଅପରାହ୍ନରେ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୦ଜଣ ବରିଷ୍ଠ ନାଗରିକଙ୍କୁ ଗୋଲାପ ଫୁଲ ଓ ଶୀତ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବର୍ଷୀୟାନ ବ୍ୟକ୍ତି ସୁରେନ୍ଦ୍ର ନାଥ ଜେନା ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବଂଶୀଧର ଜଗଦେବ, ମୁଖ୍ୟବକ୍ତା ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ ଓ ବିଶ୍ୱଭୂଷଣ ଛୋଟରାୟ, ବର୍ଷୀୟାନ ଶିକ୍ଷାବିତ କେଳୁ ଚରଣ ମହାରଣା, ପ୍ରଦୀପ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କମଳେଶ ମହାରଣା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସ୍ଥାନୀୟ ପୂର୍ବତନ ସମିତି ସଭ୍ୟ ସୁନୀଲ କୁମାର ନରେନ୍ଦ୍ର ଧନ୍ୟବାଦ ଦେଇଥିଲେ।

### ଶରଧାପୁର ଫୁଟବଲ, ନଈରୀ ବିଜୟୀ

**ଖୋର୍ଦ୍ଧା ଅଫିସ,୩୧।୧୨**

ଖୋର୍ଦ୍ଧା ବ୍ଲକ ଶରଧାପୁର ସ୍ପୋର୍ଟର୍ସ ଆନୁକୂଲ୍ୟରେ ଶରଧାପୁର କପ୍ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମାର୍ଦ୍ଧ ଖେଳରେ ନଈରୀ ଦଳ ୧-୦ ଗୋଲରେ ଅଗ୍ରଣୀ ଥିଲା। ୨ୟାର୍ଦ୍ଧ ଖେଳରେ ଘାଟିକିଆ ଦଳର ଖେଳାଳି ଗୋଲ ସ୍କୋର କରି ଖେଳକୁ ବରାବର ସ୍ଥିତିକୁ ଆଣିଥିଲେ। ପରେ ରେଫରିଙ୍କ ନିଷ୍ପତ୍ତି ମୁତାବକ ଟାଇବ୍ରେକର କରାଯାଇଥିଲା। ଏଥିରେ କାଳିଜାଇ କ୍ଲବ ନଈରୀ ୫-୪ ଟାଇବ୍ରେକର ଗୋଲରେ ବଜରଙ୍ଗ କ୍ଲବ ଘାଟିକିଆକୁ ପରାସ୍ତ କରିଛି।

## ଏକଲବ୍ୟ ଫୁଟବଲ ଟୁର୍ନାମେଣ୍ଟ: ଠଣାପଲ୍ଲି ଚାମ୍ପିୟନ

**ବେଗୁନିଆ,୩୧।୧୨(ଡି.ଏନ୍. ଏ.)**

ବେଗୁନିଆ ବ୍ଲକ ରାଉତପଡା ଖେଳପଡିଆରେ ଚାଲିଥିବା ଏକଲବ୍ୟ ଫୁଟବଲ ଟୁର୍ନାମେଣ୍ଟର ଠଣାପଲ୍ଲି ସେଭେନ ଟୁ ଫୁଟବଲ କ୍ଲବ ଚାମ୍ପିୟନ ହୋଇଯାଇଛି। ମଙ୍ଗଳବାର ଆୟୋଜିତ ଅନ୍ତିମ ଖେଳରେ ଠଣାପଲ୍ଲିର ସେଭେନ ଟୁ କ୍ଲବ ୫-୩ ଟାଇବ୍ରେକରରେ ପାଇକତିଗିରିଆ ଫୁଟବଲ କ୍ଲବକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟ ମଧରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ଶେଷରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଖେଳକୁ ଏମ୍.ଏସ. ବେଗ ଏବଂ ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ ବାଇଧର ବାହୁ ବଳେନ୍ଦ୍ର, ଦାଶରଥି ଖୁଣ୍ଟିଆ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନେ ହେଲେ ଶିବ ପ୍ରସାଦ ମିଶ୍ର, ରାଜଗୁରୁ ପବିତ୍ର ପାର୍ଥସାରଥି, ଭିକାରୀ ସାହୁ, ଅର୍ଜୁନ ଗଡବଡ, ମଧୁସୂଦନ ଦାଶ, ପ୍ରଦୀପ୍ତ ବ୍ରହ୍ମା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୬ ହଜାର ଟଙ୍କା ଏବଂ ଉପବିଜେତା ଦଳକୁ ୪ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଆୟୋଜକ ଫୁଟବଲ କ୍ଲବର ସମସ୍ତ ସଦସ୍ୟ ଖେଳରେ ସହଯୋଗ କରିଥିଲେ।



ଚାମ୍ପିୟନ ଦଳର ଖେଳାଳିଙ୍କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି

■ ନିର୍ବାହୀ ଅଧିକାରୀଙ୍କ ଦୁର୍ବ୍ୟବହାରର ପ୍ରତିବାଦ

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

■ ସଫେଇ କର୍ମଚାରୀଙ୍କର ଆନ୍ଦୋଳନ ୪ ଦିନରେ

■ ଖୋର୍ଦ୍ଧା ସହରରେ ପଡି ରହିଛି କୁଢ଼ କୁଢ଼ ଆବର୍ଜନା

**ଖୋର୍ଦ୍ଧା ଅଫିସ,୩୧।୧୨**

ଖୋର୍ଦ୍ଧା ମ୍ୟୁନିସିପାଲିଟିରେ ନିର୍ବାହୀ ଅଧିକାରୀଙ୍କ ଦୁର୍ବ୍ୟବହାରର ପ୍ରତିବାଦରେ ଚୁକ୍ତି ଭିତ୍ତିକ ଠିକା ସଫେଇ କର୍ମଚାରୀ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନୀରବ ପ୍ରତିବାଦ କରି ବିକ୍ଷୋଭ କରିଥିଲେ। ଏହି ଅବସରରେ ସଫେଇ କର୍ମଚାରୀମାନେ ନୟାଗଡ ରୋଡରୁ ଶୋଭାଯାତ୍ରାରେ ଯାଇ ଖୋର୍ଦ୍ଧା ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇଥିଲେ। ଜିଲାପାଳଙ୍କ ଉଦ୍ଦେଶ୍ୟରେ ସଫେଇ କର୍ମଚାରୀମାନେ ସ୍ମାରକପତ୍ର ଦେଇ ଖୋର୍ଦ୍ଧା ମ୍ୟୁନିସିପାଲିଟିର ନିର୍ବାହୀଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି। ନ୍ୟାୟ ନ ମିଳିଲେ ଆନ୍ଦୋଳନକୁ ରାଜ୍ୟସ୍ତରୀୟ କରାଇବାକୁ ଚେତାବନୀ ଦେଇଛନ୍ତି। ଏଭଳିସ୍ଥଳେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ୪ ଦିନରେ ପହଞ୍ଚିଛି। ସହର ସାରା କୁଢ଼ କୁଢ଼ ଆବର୍ଜନା ପଡିରହି ଦୁର୍ଗନ୍ଧରେ ନାକ ଫାଟି ପଡୁଛି।




ସଫେଇ କର୍ମଚାରୀଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଅଭିଯୋଗ ଅନୁସାରେ, ଚୁକ୍ତିଭିତ୍ତିକ ସଫେଇ କର୍ମଚାରୀମାନେ ଖୋର୍ଦ୍ଧା ସହରରେ ନିୟମିତ କାର୍ଯ୍ୟ କରି ଆସୁଛନ୍ତି। ତେବେ ସ୍ୱଚ୍ଛ ସାଥୀମାନେ ସଫେଇ କର୍ମଚାରୀଙ୍କୁ ବିଭିନ୍ନ ସମୟରେ ବ୍ୟବହାର ଖରାପ ଦେଖାଇଛନ୍ତି। ସବୁବେଳେ ବାରମ୍ବାର ବାଧ କରାଇ ଫଟୋ ଉଠାଉଛନ୍ତି। ଏ ସମ୍ପର୍କରେ ସଫେଇ କର୍ମଚାରୀମାନେ ଠିକେଦାରଙ୍କୁ ଅବଗତ କରାଇ ନ୍ୟାୟ ମାଗିଥିଲେ। ତେବେ ଠିକାଦାର ଏହାର ସମାଧାନ କରି ପାରିବେ ନାହିଁ କହି ଚୁପ ରହିଥିଲେ। ଗତ ୨୭ ତାରିଖରେ ସଫେଇ କର୍ମଚାରୀ ପୂର୍ବାହ୍ନ ୧୧ଟାରେ ଖୋର୍ଦ୍ଧା ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀଙ୍କୁ ଭେଟି ମୌଖିକ ଭାବେ ଅବଗତ କରାଇଥିଲେ। ତେବେ ନିର୍ବାହୀ ଅଧିକାରୀ ଘଟଣାର ସମାଧାନ ନ କରାଇ ଦୁର୍ବ୍ୟବହାର କରିଥିଲେ। ଏପରି କି ଠିକାଦାରଙ୍କୁ କହି ଛଟେଇ କରିବେ, ପୋଲିସ ଡାକି ଗିରଫ କରିବେ ବୋଲି ଧମକ ଦେଇଥିଲେ। ଏପରି କି ଅଫିସରୁ ତଡି ଦେଇଥିବା ଅଭିଯୋଗରେ ରହିଛି। ଏ ନେଇ ଚୁକ୍ତି ଭିତ୍ତିକ ଠିକା ସଫେଇ କର୍ମଚାରୀ ମୋହନ ନାୟକ କୁହନ୍ତି, ଖୋର୍ଦ୍ଧା ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଯାହା ଅଭିଯୋଗ ହୋଇଛି ସେଥିରେ ସତ୍ୟତା ରହିଛି। ଯାହାକି ମ୍ୟୁନିସିପାଲିଟିର ସିସିଟିଭି ଫୁଟେଜକୁ ଯାଞ୍ଚ କଲେ ଜଣାପଡିବ। ପ୍ରଶାସନ ସିସିଟିଭି ଫୁଟେଜକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ନେଇପାରେ। ପ୍ରଶାସନ ଯଦି ଅସହଯୋଗ କରେ ସଫେଇ କର୍ମଚାରୀ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବେ। ଆନ୍ଦୋଳନ ଜିଲାସ୍ତରରୁ ରାଜ୍ୟସ୍ତରକୁ ବ୍ୟାପିବ ବୋଲି କହିଛନ୍ତି। ଖୋର୍ଦ୍ଧା ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଡି. ଶ୍ୱେତପଦ୍ମା ଷଡଙ୍ଗୀଙ୍କୁ ଏ ସମ୍ପର୍କରେ ପଚାରିବାରେ ସଫେଇ କର୍ମଚାରୀ ମୋତେ କୌଣସି ଲିଖିତ ଅଭିଯୋଗ କରିନାହାନ୍ତି। ତେବେ ଯେଉଁ ମୌଖିକ ଅଭିଯୋଗ କରିଥିଲେ ମୁଁ ବ୍ୟବହାର ଖରାପ କରିନାହିଁ। ସଫେଇ କର୍ମଚାରୀଙ୍କ ଅଭିଯୋଗରେ ସତ୍ୟତା ନାହିଁ ବୋଲି ସେ କହିଛନ୍ତି।

■ ବଣଭୋଜିରେ ମଦ୍ୟପାନ କରି ୫ ଗୁରୁତର

## ମଧାହ୍ନରେ ଅସୁସ୍ଥ, ସନ୍ଧ୍ୟାରେ ଘରେ

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୩୧।୧୨(ଡି.ଏନ.ଏ)**

ନୂଆବର୍ଷକୁ ସ୍ୱାଗତ କରିବାକୁ ବଣଭୋଜି ଆସରରେ ମଦ ପିଇ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ସୋରଣ ଗାଁର ୫ ଜଣ ଗୁରୁତର ହୋଇ ପଡିଥିଲେ। ସେମାନେ ହେଲେ ବାନାମ୍ବର ବେହେରା(୫୦), ଶରତ ବେହେରା(୪୦), ମହେନ୍ଦ୍ର ବେହେରା(୪୭), ୟୁଝୁ ବେହେରା(୪୫), ଫକୀର ବେହେରା(୪୯)। ସେମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସେମାନଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ତେବେ ଅସୁସ୍ଥମାନେ ଭୁବନେଶ୍ୱର ସ୍ଥାନାନ୍ତର ହୋଇଥିବା କୁହାଯାଇଥିଲା। ହେଲେ ଅସୁସ୍ଥମାନଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଦେଖିବାକୁ ମିଳି ନ ଥିଲା। ଗଣମାଧମର ପ୍ରତିନିଧିମାନେ ଖୋଜି ଖୋଜି ଅସୁସ୍ଥମାନଙ୍କର ଟେର ପାଇ ନ ଥିଲେ। ଏଭଳିସ୍ଥଳେ ମଧାହ୍ନରେ ଅସୁସ୍ଥ ହୋଇଥିବା ୫ ଜଣ ସନ୍ଧ୍ୟାରେ ଗାଁରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ଅସୁସ୍ଥ ହୋଇଥିବା କେତେଜଣଙ୍କୁ ପଚାରିବାରୁ ଉତ୍ତର ମିଳିଥିଲା ଆମର କ'ଣ ହୋଇଥିଲା କି। ଅସୁସ୍ଥମାନେ ଭଲ ହେବା ଭଲ ଖବର। ତେବେ ଡାକ୍ତରଙ୍କ ବିବୃତି ପରେ ଅସୁସ୍ଥଙ୍କ ପରିବାର ଲୋକେ ଭୟଭୀତ ହୋଇ ପଡିଥିଲେ।

ପ୍ରାପ୍ତ ସୂଚନା ଅନୁସାରେ, ଟାଙ୍ଗୀ ଥାନା ସୋରଣ ଓ ବରଡି ଗାଁର କେତେଜଣ ବ୍ୟକ୍ତି ହାଟବରଡିର ଜଙ୍ଗଲରେ ମଙ୍ଗଳବାର ପୂର୍ବାହ୍ନରେ ବଣଭୋଜି କରିଥିଲେ। ବଣଭୋଜିରେ ଦେଶୀ ମଦ ପିଇ ପ୍ରାୟ ୫ ଜଣ ଅସୁସ୍ଥ ହୋଇପଡିଥିଲେ। ଅସୁସ୍ଥମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ସାଥୀମାନେ ଫେରାର ହୋଇଯାଇଥିଲେ। ଏ ନେଇ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଶ୍ୱେତା ମହାପାତ୍ର କୁହନ୍ତି, ମଦ୍ୟପାନ କରି ୫ ଅସୁସ୍ଥଙ୍କ ମଧ୍ୟରୁ ୪ ଜଣ ଗୁରୁତର ଅଛନ୍ତି। ତେବେ ଅସୁସ୍ଥମାନେ ବିଷାକ୍ତ ମଦ୍ୟପାନ କରିଥିବା ଜଣାପଡିଛି। ଅସୁସ୍ଥମାନଙ୍କୁ ପ୍ରାଥମିକ ଚିକିତ୍ସା କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

## ନାଗରିକତ୍ୱ ସଂଶୋଧନ ଆଇନକୁ ସମର୍ଥନରେ ଶୋଭାଯାତ୍ରା

**ଖୋର୍ଦ୍ଧା ଅଫିସ,୩୧।୧୨:** ଖୋର୍ଦ୍ଧାର ରାଷ୍ଟ୍ରପ୍ରେମୀ ସଚେତନ ନାଗରିକ ମଞ୍ଚ ପକ୍ଷରୁ ନାଗରିକ ସଂଶୋଧନ ଆଇନକୁ ସମର୍ଥନ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରାଯାଇଥିଲା। ସମର୍ଥନକାରୀମାନେ କେନ୍ଦ୍ର ସରକାରଙ୍କର ନିଷ୍ପତ୍ତିକୁ ସ୍ୱାଗତ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସମର୍ଥନକାରୀ ଶୋଭାଯାତ୍ରା କରି ଖୋର୍ଦ୍ଧା ସହର ପରିକ୍ରମା କରି ନାଗରିକତ୍ୱ ସଂଶୋଧନ ଆଇନ ସମ୍ପର୍କରେ ସଚେତନତା କରାଇଥିଲେ। ଶିକ୍ଷାବିତ୍ ଭୀମସେନ ପ୍ରଧାନ, ହିନ୍ଦୁ ଜାଗରଣ ସାମୁଖ୍ୟର ରାଜ୍ୟ ସଂଯୋଜକ ଅଜିତ୍ ପଟ୍ଟନାୟକ, କଳିଙ୍ଗ ପାଇକ ସଙ୍ଗଠନର ବରିଷ୍ଠ ନେତା କାଳୁ ଚରଣ ଖଣ୍ଡେଇତରାୟ, ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, ଗୀତା ଗବେଷଣା ପରିଷଦର ସଭାପତି ଶକ୍ତି ଶଙ୍କର ମିଶ୍ର, ସାମାଜିକ କର୍ମୀ ନିକୁଞ୍ଜ ପଟ୍ଟନାୟକ, ଅଜୟ ମିଶ୍ର, ମାନସ ପଟ୍ଟନାୟକ ଓ ରାଜୀବ ଲୋଚନ ଷଡଙ୍ଗୀ, ସଂଖ୍ୟାଲଘୁ ସମ୍ପ୍ରଦାୟର ଫାୟାଜ ଅଲ୍ଲୀ ଖାଁ ପ୍ରମୁଖ ବିଭିନ୍ନ ଅନୁଷ୍ଠାନର ସହଯୋଗରେ ଶୋଭାଯାତ୍ରା ବାହାରିଥିଲା।




ନାଗରିକତ୍ୱ ଆଇନକୁ ସମର୍ଥନ ଜଣାଇ ଲୋକଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ମା'ରାମଚଣ୍ଡୀ ଦିବାରାତ୍ରି କ୍ରିକେଟ: ହାଟବସ୍ତ ଚାମ୍ପିୟନ

**ବୋଲଗଡ,୩୧।୧୨(ଡି.ଏନ.ଏ.)**

ବୋଲଗଡ ବ୍ଲକ ବାଙ୍କୋଇ ସ୍କୁଲ ପଡିଆରେ ମା' ରାମଚଣ୍ଡୀ ଦିବାରାତ୍ରି ୬ ଓଭର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଖେଳରେ ହାଟବସ୍ତ କ୍ରିକେଟ ଟିମ୍ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ହୋଇଯାଇଥିବା ଟୁର୍ନାମେଣ୍ଟରେ ଖୋର୍ଦ୍ଧା ,କଟକ ଏବଂ ନୟାଗଡ ଜିଲା ଅଞ୍ଚଳରୁ ୮ କ୍ରିକେଟ ଟିମ୍ ଅଂଶଗ୍ରହଣ କରିଥିଲେ। ଏଥିରେ ଆୟୋଜକ ରାମଚଣ୍ଡୀ କ୍ରିକେଟ ଟିମ୍ ସମେତ ହାଟବସ୍ତ, ପାଟବନ୍ଧ, ବଘେଇଟାଙ୍ଗୀ, କୋଟପଲ୍ଲା, ସରପଡା, ଗୋଓଡି ଏବଂ ଗୋଡିଆଳି ଗ୍ରାମର କ୍ରିକେଟ ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ହାଟବସ୍ତ କ୍ରିକେଟ ଟିମ୍ ବଘେଇ ଟାଙ୍ଗୀ ଟିମ୍‌କୁ ୧୨ ରନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଶିକ୍ଷାବିତ୍ ଜୟକୃଷ୍ଣ ପରିଡା, ସାମାଜିକ କର୍ମୀ ପ୍ରଦୀପ କୁମାର ପଟ୍ଟନାୟକ, ବାଦଲ ପଟ୍ଟନାୟକ, ରାଜକିଶୋର ବଳିୟାରସିଂହ ପ୍ରମୁଖଙ୍କ ଯୋଗ ଦେଇଥିଲେ।

**କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, କଟକ**
ନିମ୍‌ଚଉଡ଼ି, କଟକ-୭୫୩୦୦୨
ଫୋନ୍ ନଂ.(PBX) : ୦୬୭୧-୨୩୩୯୭୦୦, ଫ୍ୟାକ୍ସ-୦୬୭୧-୨୫୦୯୨୦୬

**ଦୀର୍ଘ ୬୩ ବର୍ଷଧରି ନିରବଚ୍ଛିନ୍ନ ଭାବରେ ଚାଷ ଓ ଚାଷୀର ସେବାରେ ଉତ୍ସର୍ଗିକୃତ ସମବାୟ ବ୍ୟାଙ୍କ**

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଭୁକ୍ତ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ସମସ୍ତ ଚାଷୀଭାଇମାନଙ୍କୁ ଅନୁରୋଧ, ନିଜ ଅଞ୍ଚଳରେ ଥିବା ସେବା ସମବାୟ ସମିତିରେ ସଭ୍ୟଭୁକ୍ତ ହୋଇ କିଷାନ କ୍ରେଡ଼ିଟ କାର୍ଡ ମାଧ୍ୟମରେ ସ୍ୱଳ୍ପ ସୁଧରେ କୃଷି ଋଣ ଓ ଅନ୍ୟାନ୍ୟ ସୁବିଧା ଗ୍ରହଣ କରନ୍ତୁ। କିଷାନ କ୍ରେଡ଼ିଟ କାର୍ଡଧାରୀ ଚାଷୀଭାଇମାନେ ସମିତିରେ ଋଣ ସୁଝିବା ସମୟରେ ରାଜ୍ୟ ସମବାୟ ବ୍ୟାଙ୍କର ଛାୟା ଛବିଥିବା ରସିଦ୍ ନେବାକୁ ଭୁଲନ୍ତୁ ନାହିଁ। କୌଣସି ପରିସ୍ଥିତିରେ KCC Pass Book ଓ Cheque ବହି ସମିତି ସମ୍ପାଦକ କିମ୍ବା ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ନ ଦେଇ ନିଜେ ଆସି ଶାଖା ବ୍ୟାଙ୍କରୁ ଋଣ ଗ୍ରହଣ କରନ୍ତୁ। ଆପଣଙ୍କ ଅସାବଧାନତା ଯୋଗୁଁ ଅନ୍ୟ କେହି ଆପଣଙ୍କ ନାମରେ, ଆପଣଙ୍କ KCC Cheque ମାଧ୍ୟମରେ ଋଣ ଗ୍ରହଣ କଲେ ଏଥିପାଇଁ ଆପଣ ହିଁ ଦାୟୀ ରହିବେ। ଆପଣଙ୍କ ସ୍ୱାକ୍ଷର ଥିବା KCC ଚେକ୍ କୌଣସି ସମିତି/ବ୍ୟାଙ୍କ କର୍ମଚାରୀ ଅଥବା ତୃତୀୟ ପକ୍ଷକୁ ହସ୍ତାନ୍ତର କରନ୍ତୁ ନାହିଁ। ଯେଉଁ ଚାଷୀଭାଇମାନେ ଋଣ କିସ୍ତି ତାରିଖ କିମ୍ବା ତା ପୂର୍ବରୁ କୃଷି ଋଣ ପରିଶୋଧ ନ କରିବେ ସେମାନେ ସୁଧ ରିହାତି ହରାଇବା ସହିତ ଖିଲାପି ସୁଧ ବାର୍ଷିକ ୧୩.୭୫% ହାରରେ ପରିଶୋଧ କରିବେ।

**ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଖୋର୍ଦ୍ଧା**
୧୦୩ ତମ ବାର୍ଷିକ ସାଧାରଣ ସଭା ନୋଟିସ୍

ନୋଟିସ୍ ନଂ.2496(A) ତା.୨୪।୧୨।୨୦୧୯ରିଖ

ଏତଦ୍ଦ୍ୱାରା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧାର ସମସ୍ତ ଅଂଶୀଦାରମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୧୦୩ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା୧୦।୦୧।୨୦୨୦ରିଖ ଶୁକ୍ରବାର ପୂର୍ବାହ୍ନ ୧୧.୦୦ଘଟିକା ସମୟରେ ଖୋର୍ଦ୍ଧା ସ୍ଥିତ ବିଡିଏ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ। ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ଯୋଗଦାନକରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁରୋଧ।

ସଭାପତିଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./- ସୁବାଷ ଚନ୍ଦ୍ର ମିଶ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

**କାର୍ଯ୍ୟସୂଚୀ-**
୧. ତା.୦୭।୦୩।୨୦୧୯ ରିଖରେ ଅନୁଷ୍ଠିତ ହୋଇଥିବା ୧୦୨ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ। ୨. ୨୦୧୮-୧୯ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ। ୩. ଗତ ୨୦୧୮-୧୯ବର୍ଷର ସମୀକ୍ଷା ପତ୍ର ଓ ତତ୍ ସଂଲଗ୍ନ ଆୟ, ବ୍ୟୟ, ପ୍ରାପ୍ୟ, ଦେୟ ହିସାବ ପଠନ ଓ ଅନୁମୋଦନ। ୪. ୨୦୧୮-୧୯ବର୍ଷର ନିଟ୍ ଲାଭର ବିନିଯୋଗ ପ୍ରସ୍ତାବ ଗ୍ରହଣ। ୫. ବ୍ୟାଙ୍କର ଆଗାମୀ ୨୦୨୦-୨୧ବର୍ଷର ଆୟ ବ୍ୟୟ ଅଟକଳ(ବଜେଟ୍) ଅନୁମୋଦନ। ୬. ଆଗାମୀ ୨୦୨୦-୨୧ବର୍ଷ ପାଇଁ ବ୍ୟବସାୟିକ ଅଭିବୃଦ୍ଧି ଯୋଜନା ପଠନ ଓ ଦୃଢୀକରଣ। ୭. ବ୍ୟାଙ୍କର ଏକକାଳୀନ ଋଣ ପରିଶୋଧ ଯୋଜନାରେ ଚଳିତ ବର୍ଷର କ୍ଷତିର ଭରଣା ଓ ଏହି ଯୋଜନା ୨୦୨୦-୨୧ବର୍ଷ ନିମିତ୍ତ କାର୍ଯ୍ୟକାରୀ କରିବା ପ୍ରସ୍ତାବ ଅନୁମୋଦନ। ୮. ବୃତାନ୍ତ 'କ' ଶ୍ରେଣୀ ସଭ୍ୟ ଅନୁମୋଦନ। ୯. ବ୍ୟାଙ୍କର ଅନାଦେୟ ଋଣ ଆଦାୟ ନିମନ୍ତେ SARFAESI Act-2002 କାର୍ଯ୍ୟକାରୀ କରିବାର ଅନୁମୋଦନ। ୧୦. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)

ପରିପତ୍ର ନଂ.2497 (A) ତାରିଖ: ୨୪।୧୨।୨୦୧୯

ଏହାର ଏକକିତା ନକଲ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ସମସ୍ତ ଅଂଶୀଦାର ଓ ସମିତି ସମ୍ପାଦକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା

ସ୍ୱା./- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ବି.ଦ୍ର.- ପ୍ରକାଶ ଥାଉକି ବିଡିଏ କଲ୍ୟାଣ ମଣ୍ଡପ, ଖୋର୍ଦ୍ଧାଠାରେ ଉକ୍ତ ଦିନ ସକାଳ ୯.୩୦ ଘଟିକାଠାରୁ ନାମ ପଞ୍ଜୀକରଣ କରାଯିବ। ପ୍ରତ୍ୟେକ ସଭ୍ୟ ସମିତିର ସଭାପତି/ ଉପସଭାପତି/ ସଭ୍ୟ ଏଥି ସହ ସଂଲଗ୍ନିତ ନମୁନା ନିର୍ଦ୍ଧାରଣ ସହିତ ସାଧାରଣ ସଭାରେ ପ୍ରତିନିଧିତ୍ୱ କରିବା ପାଇଁ ପଠାଇବେ।

## ମଦ ବିରୋଧୀ ସଚେତନତା

ବ୍ରହ୍ମଗିରି,(ଡି.ଏନ.ଏ): ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ରେବଣା ନୂଆଗାଁର ଶତାଧିକ ମହିଳା ମଙ୍ଗଳବାର ମଦ ବିରୋଧୀ ପ୍ଲାକାର୍ଡ ଧରି ସଚେତନ କରାଇଥିଲେ। ଗ୍ରାମରେ କୌଣସି ଯୁବକ କିମ୍ବା ବ୍ୟକ୍ତି ମଦ୍ୟପାନ ନ କରିବା ପାଇଁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଧୀରେନ ଜଗଦେବ, ସଞ୍ଜୟ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

### ସଂକ୍ଷେପରେ

## କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ନିମାପଡ଼ା,୩୧।୧୨(ଡି.ଏନ୍.ଏ.): ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୭ବର୍ଷୀୟା ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଛି। ଏ ନେଇ ଛାତ୍ରୀଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ.୩୩୮/୧୯)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ନିମାପଡ଼ା ଅଞ୍ଚଳରେ ଥିବା ଏକ କଲେଜର ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ରୀ। ଗତ ଶନିବାର ଛାତ୍ରୀ ଜଣକ କଲେଜକୁ ଆସି ଆଉ ଘରକୁ ଫେରି ନ ଥିଲେ। ଘରଲୋକେ ଖୋଜାଖୋଜି କରିଥିଲେ ମଧ ପ୍ରାୟ ୪ଦିନ ହେବ ତାଙ୍କର କୌଣସି ସନ୍ଧାନ ନ ପାଇବାରୁ ଝିଅକୁ କେହି ଅପହରଣ କରିନେଇଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ।

### ଷ୍ଟେଶନରେ ଗାନ୍ଧିଜୀଙ୍କ ଉଦ୍ଦେଶ୍ୟରେ ଲାଗିଥିବା ଫଳକ ଘଟଣା

## ରେଲୱେ ବିରୋଧରେ ଥାନାରେ ଅଭିଯୋଗ

ପୁରୀ ଅଫିସ,୩୧।୧୨: ପୁରୀ ରେଲଷ୍ଟେଶନ ପରିସର ପ୍ରବେଶ ପଥରେ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଲାଗିଥିବା ବିବାଦୀୟ ଫଳକ ହଟାଇବା ଲାଗି ମାନବାଧିକାର କର୍ମୀ ଜୟନ୍ତ ଦାଶ ରେଳ ମନ୍ତ୍ରଣାଳୟ ନିକଟରେ ଟୁଇଟ ଯୋଗେ ଅଭିଯୋଗ କରିଥିଲେ। ଏହି ଘଟଣାର ଯାଞ୍ଚ ଲାଗି ରେଲୱେ ମନ୍ତ୍ରଣାଳୟ ଖୋର୍ଦ୍ଧାରୋଡ୍ ସିନିୟର ଡିଭିଜିନାଲ କମର୍ସିଆଲ ମ୍ୟାନେଜର (ସିନିୟର ଡିସିଏମ୍) ପ୍ରତାପ କିଶୋର ସାମଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଘଟଣାର ଯାଞ୍ଚ ପ୍ରକ୍ରିୟାରେ କୌଣସି ଅଗ୍ରଗତି ନ ଘଟିବା ଏବଂ ପୂର୍ବତଟ ରେଲୱେ ବିଭାଗର ନୀରବତାକୁ ନେଇ ମାନବାଧିକାର କର୍ମୀ ଦାଶ ତାଳବଣିଆ ଥାନାରେ ସୋମବାର ଏକ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ପୂର୍ବତଟ ଓ ଖୋର୍ଦ୍ଧାରୋଡ୍ ରେଲୱେ ବିଭାଗକୁ ପକ୍ଷଭୁକ୍ତ କରାଯାଇଛି।

## ରାଜ୍ୟପାଳଙ୍କ ଚିଲିକା ଗସ୍ତ

ବ୍ରହ୍ମଗିରି,୩୧।୧୨(ଡି.ଏନ୍.ଏ.): ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଙ୍ଗଳବାର ଚିଲିକା ଗସ୍ତରେ ଯାଇଥିଲେ। ରାଜ୍ୟପାଳ ଲାଲ ବୋଟ ଦ୍ୱାରା ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବା ସହିତ ଚିଲିକାର ଜଳରାଶି ମଧରେ ଡଲଫିନ ଦେଖିଥିବା ଜଣାପଡିଛି । ପରେ ସାତପଡା ଠାରେ ଥିବା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ମଧାହ୍ନ ଭୋଜନ କରି ଫେରିଯାଇଥିଲେ।

## ବାଇକ୍ ଡିକି ଭାଙ୍ଗି ୨୦ହଜାର ଟଙ୍କା ଚୋରି

ଗୋପ,୩୧।୧୨(ଡି.ଏନ୍.ଏ.): ଗୋପ ବଜାରରୁ ମଙ୍ଗଳବାର ଉମେଶ ଚନ୍ଦ୍ର ଦାସଙ୍କ ବାଇକ୍ ଡିକି ଭାଙ୍ଗି ୨୦ ହଜାର ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଗୋପ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଉମେଶ ନିମାପଡ଼ା ୟୁକୋ ବ୍ୟାଙ୍କ୍‌ରୁ ତାଙ୍କ ବାପାଙ୍କ ପେନସନ ୨୦ ହଜାର ଟଙ୍କା ଉଠାଇ ଏକ ବ୍ୟାଗ୍‌ରେ ଟଙ୍କା ସହ ଏଟିଏମ୍ କାର୍ଡ, ପାନ୍ କାର୍ଡ ଓ ଜରୁରୀ କାଗଜପତ୍ର ଡିକିରେ ରଖି ଫେରିଥିଲେ। ଅପରାହ୍ନ ପ୍ରାୟ ୨ଟାରେ ଗୋପ ବଜାରରେ ଗାଡ଼ି ରଖି ପରିବା କିଣୁଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ଗାଡି ଡିକି ଭାଙ୍ଗି ଟଙ୍କା ନେଇଯାଇଥିବା ଉମେଶ ଥାନାରେ ଅଭିଯୋଗ କରିଛନ୍ତି।

## ଖୋଲିଲା ୮, ରହିଲା ୧୮ ଧାନମଣ୍ଡି

ଗୋପ,୩୧।୧୨(ଡି.ଏନ୍.ଏ): ଗୋପ ବ୍ଲକ ଓ କୋଣାର୍କ ଏନ୍ଏସି ଅଞ୍ଚଳରେ ୮ଟି ଧାନମଣ୍ଡି ଖୋଲାଯାଇଥିବା ବେଳେ ଆଉ ୧୮ଟି ଧାନମଣ୍ଡି ଖୋଲିବା ନେଇ ଚାଷୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ଗୋପ, ବନ୍ତଲୀଗ୍ରାମ, ନାଗପୁର, ମହାପୁର, ବରିମୁଣ୍ଡ, ବନାଖଣ୍ଡି, ସାମନ୍ତରାପୁର ଏବଂ କୋଣାର୍କ ଏନ୍ଏସିରେ ଗୋଟିଏ ଧାନ ମଣ୍ଡି ଖୋଲାଯାଇଛି। ମଣ୍ଡିଗୁଡ଼ିକ ବିଳମ୍ବରେ ଖୋଲିବାରୁ ଅମଳ ପରେ ଚାଷୀମାନେ କମ୍ ଦରରେ ଆନ୍ଧ୍ରପ୍ରଦେଶ ବ୍ୟବସାୟୀଙ୍କୁ ଧାନ ବିକ୍ରି କରିସାରିଥିବା ଜଣାପଡିଛି। ଗୋପ ବ୍ଲକରେ କେତେକ ମିଲର ଧାନ ବେପାରୀଙ୍କୁ ଧରି ଏବେ ସେମାନଙ୍କ ମିଲ୍‌ରେ ହଜାର ହଜାର ଧାନ ବସ୍ତା ଗଚ୍ଛିତ ରଖିଥିବା ଜଣାପଡ଼ିଛି। ମିଲ୍‌ଗୁଡ଼ିକ ଉପରେ ଚଢ଼ାଉ ପାଇଁ ଚାଷୀମାନେ ଦାବି କରିଛନ୍ତି। ମିଲରମାନେ କେତେକ ସେବା ସମବାୟ ସମିତିର ସମ୍ପାଦକଙ୍କୁ ହାତ କରି ଏହି ଧାନ ନେଉଥିବା ଅଭିଯୋଗ ହେଉଛି। ତେବେ ୧୮ଟି ଧାନମଣ୍ଡି କେବେ ଖୋଲିବ ନେଇ ଚାଷୀମାନେ ଅପେକ୍ଷା କରିଛନ୍ତି। ଏ ସମ୍ପର୍କରେ ଗୋପ ବ୍ଲକ୍ ଯୋଗାଣ ନିରୀକ୍ଷକ ସସ୍ମିତା ସାହୁ କୁହନ୍ତି, ଖୁବ୍ ଶୀଘ୍ର ଆଉ ୧୮ଟି ଧାନ ମଣ୍ଡି ଖୋଲାଯିବ। ଯେଉଁ ମିଲ୍‌ଗୁଡ଼ିକରେ ବେଆଇନ ଭାବେ ଧାନ ରଖାଯାଇଛି, ସେଠାରେ ଚଢ଼ାଉ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ନୂତନ ବର୍ଷକୁ ସ୍ୱାଗତ ଜଣାଇ ମଙ୍ଗଳବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ବାଲୁକା କଳା ।

# ଜବରଦଖଲରେ ବାତ୍ୟା ଆଶ୍ରୟସ୍ଥଳୀ

କଣାସ,୩୧।୧୨(ସ୍ୱ.ପ୍ର.):

ପୁରୀ ଜିଲା କଣାସ ବ୍ଲକର ସମସ୍ତ ପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ତେବେ ଯାମଳଗୋଗା ପଞ୍ଚାୟତର ବସନ୍ତପୁର ଗ୍ରାମରେ ଥିବା ବାତ୍ୟା ଆଶ୍ରୟସ୍ଥଳୀକୁ ଜଣେ ବ୍ୟକ୍ତି ଜବରଦଖଲ କରିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଗ୍ରାମବାସୀ ସ୍ଥାନୀୟ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୁରୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।



ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ନିଜ ଦଖଲରେ ବାତ୍ୟା ଆଶ୍ରୟସ୍ଥଳୀକୁ ରଖିଛନ୍ତି। ତାଙ୍କ ପୈତୃକ ସମ୍ପତ୍ତିରେ ଆଶ୍ରୟସ୍ଥଳୀ ନିର୍ମାଣ ହୋଇଥିବା ବ୍ୟକ୍ତି ଜଣଙ୍କ ଦାବି କରୁଛନ୍ତି। ବିପର୍ଯ୍ୟୟ ସମୟରେ ବ୍ୟବହାର ପାଇଁ ମିଳିଥିବା ଜେନେରେଟର, କଟର ମେଶିନ ଭଡ଼ାରେ ଲଗାଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଯଦି କେହି ପ୍ରତିବାଦ କରୁଛନ୍ତି, ସେମାନଙ୍କୁ ଧମକ ଦିଆଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବେହେରା କୁହନ୍ତି, ବସନ୍ତପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅତିରିକ୍ତ ବିଡିଓଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପୁରୀର ବିକାଶକୁ ପ୍ରଶଂସା କଲେ ଧର୍ମେନ୍ଦ୍ର

ପୁରୀ ଅଫିସ,୩୧।୧୨:

ବିଦାୟୀ ୨୦୧୯ ବର୍ଷର ଶେଷ ଦିବସରେ ମଙ୍ଗଳବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପୂର୍ବାହ୍ନ ପ୍ରାୟ ୧୧ଟାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସିଂହଦ୍ୱାରରେ ପହଞ୍ଚିଥିଲେ। ତାଙ୍କୁ ଦଳୀୟ କର୍ମୀ ଏବଂ ନେତୃବୃନ୍ଦ ସ୍ୱାଗତ କରି ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ସେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢା ପରିସରସ୍ଥ ଅନ୍ୟାନ୍ୟ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ପ୍ରାୟ ଅଧଘଣ୍ଟା ମନ୍ଦିରରେ ବିତାଇବା ପରେ ଫେରିଥିଲେ। ସିଂହଦ୍ୱାରରେ ତାଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଏବଂ ଜିଲାପାଳ ବଲୱନ୍ତ ସିଂ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ କରିଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଗଣମାଧ୍ୟମକୁ କହିଥିଲେ, ୨୦୨୦ରେ ମହାପ୍ରଭୁ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ଏହା ହିଁ ମୋର ପ୍ରାର୍ଥନା। ସମୟ ଅନୁସାରେ ପୁରୀର ରୂପ ବଦଳୁଛି। ଶ୍ରୀମନ୍ଦିରର ବିକାଶ ପ୍ରଶଂସନୀୟ। ସ୍ଥାନୀୟ ବାସିନ୍ଦା ଓ ଧର୍ମାଚାର୍ଯ୍ୟମାନଙ୍କ ସହଯୋଗରେ ଶ୍ରୀମନ୍ଦିରର ଆହୁରି ବିକାଶ କରାଯାଉ। ସେହିପରି ପୁରୀ ଆହୁରି ସୁନ୍ଦର ହେବା ଦରକାର। କୋଣାର୍କ, ଚିଲିକା ହ୍ରଦ, ଅଲାରନାଥ, ରଘୁରାଜପୁର, ସାକ୍ଷୀଗୋପାଳ, କାକଟପୁର ମା’ ମଙ୍ଗଳା ଏସବୁ ଆମ ସଂସ୍କୃତିର ପ୍ରାଣକେନ୍ଦ୍ର । ଏସବୁକୁ ସ୍ୱଚ୍ଛ ରଖି ଧାର୍ମିକ ଭାବନା ସହ ପର୍ଯ୍ୟଟନକୁ ବଢାଇବା ଦାୟିତ୍ୱ ହେଉଛି ଆମ ସମସ୍ତଙ୍କର। ରାଜ୍ୟ ସରକାର ଯେଉଁ ଶ୍ରୀଜଗନ୍ନାଥ ହେରିଟେଜ କରିଡର ଚିଠା ସ୍ଥାପତ୍ୟ ଯୋଜନା କରିଛନ୍ତି ତାହା ଭଲ କାମ। ଏଥିରେ ସମସ୍ତେ ସହଯୋଗ କରିବା ଆବଶ୍ୟକ। ରତ୍ନଭଣ୍ଡାର ସମ୍ପର୍କରେ ଧର୍ମେନ୍ଦ୍ର କହିଥିଲେ, ଜଗନ୍ନାଥଙ୍କର ଜଣେ ଭକ୍ତ ଭାବେ ରତ୍ନଭଣ୍ଡାର ଖୋଲିବାକୁ ମୁଁ ବି ଚାହିଁ ରହିଛି। କିନ୍ତୁ ବିନା ବିବାଦରେ ସବୁକାମ ସୁଚାରୁ ରୂପେ ହେଉ।

# ରତ୍ନଭଣ୍ଡାର ଖୋଲିବା ଦରକାର: ସୁର

ପୁରୀ ଅଫିସ,୩୧।୧୨:

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ମଙ୍ଗଳବାର ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏହି ଅବସରରେ ଗଣମାଧ୍ୟମର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସୁର କହିଛନ୍ତି, ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଯାହା କରାଯାଉଛି ତାହା ସ୍ୱାଗତଯୋଗ୍ୟ, କିନ୍ତୁ ଏହା ଦୀର୍ଘସ୍ଥାୟୀ ହେବା ଦରକାର। ରଥଖଳାରୁ ତିନିରଥ ଗଡ଼ିବ ବୋଲି ଯାହା ଚର୍ଚ୍ଚା ହେଉଛି ସେ ସମ୍ପର୍କରେ ସୁର କହିଥିଲେ, ସିଂହଦ୍ୱାରରୁ ହିଁ ତିନି ରଥ ବାହାରିବ। ଯାହା ଆମର ପୁରୁଣା ପରମ୍ପରା ଓ ସଂସ୍କୃତି ରହିଛି ତାହା ଅକ୍ଷୁଣ୍ଣ ରହିବ। ନବୀନ ହୁଅନ୍ତୁ ଅବା ମୋଦି କାହା କଥା ଆମେ ମାନିବୁ ନାହିଁ। ଏଥିରେ ଏପଟ ସେପଟ କଲେ ମହାବିପ୍ଳବ ହେବ। ସେହିପରି ରତ୍ନଭଣ୍ଡାର ପ୍ରସଙ୍ଗରେ ସେ କହିଥିଲେ, ରତ୍ନଭଣ୍ଡାର ଖୋଲିବା ଦରକାର। ଗଜପତି ମହାରାଜା, ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ସେବାୟତ ପ୍ରତିନିଧି ସମସ୍ତଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଖୋଲାଯାଉ। ମହାପ୍ରଭୁଙ୍କର କ’ଣ ରତ୍ନ ଅଳଙ୍କାର ରହିଛି ତାହା ହିସାବ କରାଯାଇ ସାର୍ବଜନୀନ କରାଯାଉ ବୋଲି ସେ କହିଛନ୍ତି। ସେହିପରି ମହାପ୍ରଭୁଙ୍କ ଆଶୀର୍ବାଦରୁ ନୂଆବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ। ସମସ୍ତେ ଭଲରେ ରୁହନ୍ତି ଏହା ହିଁ ଠାକୁରଙ୍କ ନିକଟରେ କାମନା ବୋଲି ସୁର ପ୍ରକାଶ କରିଥିଲେ।


ଶ୍ରୀମନ୍ଦିରକୁ ଯିବା ପାଇଁ ନବନିର୍ମିତ ପାଣି ଟ୍ୟାପ୍‌ରେ ଶ୍ରଦ୍ଧାଳୁମାନେ ଗୋଡ଼ ହାତ ଧୋଉଛନ୍ତି ।

## କ୍ରିକେଟ: ଶେଖର ସ୍ପୋର୍ଟିଂ ଚାମ୍ପିୟନ

ଗୋପ,୩୧।୧୨(ଡି.ଏନ୍.ଏ.):

ଶେଖର ସ୍ପୋର୍ଟିଂ, ଭୁବନେଶ୍ୱର ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ୨୫ତମ ରାଜ୍ୟସ୍ତରୀୟ ଗୋପାଳଜୀଉ ଚ୍ୟାଲେଞ୍ଜ କପରେ ଚାମ୍ପିୟନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଏସ୍‌ପି ଫାଉଣ୍ଡେଶନ, ନିମାପଡ଼ା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୫୦ରନ୍ ସଂଗ୍ରହ କରିଥିଲା। ଜବାବରେ ଶେଖର ସ୍ପୋର୍ଟିଂ ଭୁବନେଶ୍ୱର ଆବଶ୍ୟକ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ଅତିଥି ଭାବେ ମଧୁସୂଦନ ପ୍ରଧାନ, ପ୍ରହ୍ଲାଦ ସ୍ୱାଇଁ, ଲାଲା ହରପ୍ରସାଦ ଚାନ୍ଦ, ରବିନାରାୟଣ ନନ୍ଦ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଟାଙ୍ଗିଆ ଚୋଟରେ ଯୁବକ ଗୁରୁତର

ସାକ୍ଷୀଗୋପାଳ,୩୧।୧୨(ଡି.ଏନ୍.ଏ.):

ଟାଙ୍ଗିଆ ଚୋଟରେ ମଙ୍ଗଳବାର ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ସତ୍ୟବାଦୀ ଥାନା ଅଧୀନ ବିଲସାହି ପାଟଣା ଗ୍ରାମର ଗୀରିଧାରୀ ପ୍ରଧାନ(୨୮)। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ସାକ୍ଷୀଗୋପାଳ ମେଡିକାଲ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଗିରିଧାରୀଙ୍କ ପରିବାରର ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଛି। କୌଣସି କାରଣରୁ ମଙ୍ଗଳବାର ସନ୍ଧ୍ୟାରେ ଗିରିଧାରୀଙ୍କ ସମ୍ପର୍କୀୟ ଭାଇ ପ୍ରଫୁଲ୍ଲ ପ୍ରଧାନ ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପ୍ରଫୁଲ୍ଲ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

## ଇଂରାଜୀ ନବବର୍ଷ ପାଳନକୁ ଆଦିତ୍ୟ ବାହିନୀର ବିରୋଧ

ପୁରୀ ଅଫିସ୍,୩୧।୧୨

ଇଂରାଜୀ ନବବର୍ଷ ପାଳନକୁ ବିରୋଧ କରିଛି ଆଦିତ୍ୟ ବାହିନୀ। ଇଂରାଜୀ ନବବର୍ଷ ନୁହେଁ, ରାଷ୍ଟ୍ରୀୟ ନବବର୍ଷ ପାଳନ କରିବା ଲାଗି କହିଛନ୍ତି ବାହିନୀର ରାଷ୍ଟ୍ରୀୟ ମୁଖପାତ୍ର ମନୋଜ କୁମାର ରଥ। ସେ କହିଛନ୍ତି, ଆମେ ସୁଅ ମୁହଁରେ ପତର ହେବାନାହିଁ। ପବିତ୍ର ଦେବଭୂମି ଭାରତ ବର୍ଷରେ ବିଭିନ୍ନ ଉତ୍ସବ, ପର୍ବପର୍ବାଣି, ଯାନିଯାତ୍ରା ପାଳନର ଶାସ୍ତ୍ରୀୟ ପରମ୍ପରା ରହିଛି। ଏ ସବୁ ନିର୍ଦ୍ଦିଷ୍ଟ ତିଥି ଏବଂ ନକ୍ଷତ୍ର ଅନୁସାରେ ପାଳନ କରାଯାଉଛି। ଇଂରାଜୀ ନବବର୍ଷ ସନାତନ ହିନ୍ଦୁ ପରମ୍ପରାର ଅଂଶବିଶେଷ ନୁହେଁ। ପାଶ୍ଚାତ୍ୟ ସଂସ୍କୃତିକୁ ଅନ୍ଧାନୁକରଣ ନ କରି ଆମେ ଆମେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଚୈତ୍ର ଶୁକ୍ଳ ପ୍ରତିପଦା ଓ ଓଡ଼ିଆ ନବବର୍ଷ ମହାବିଷୁବ ସଂକ୍ରାନ୍ତି ପାଳନ କରିବା ଉଚିତ ବୋଲି ରଥ କହିଛନ୍ତି।

# ବିଜୁବାବୁଙ୍କ ଶାନ୍ତି ପୀଠ ଲେଖାକୁ ନେଇ ଚର୍ଚ୍ଚା

ପୁରୀ ଅଫିସ, ୩୧।୧୨:

ନୂଆବର୍ଷ ଲାଗି ଶ୍ରୀମନ୍ଦିର ସଜେଇ ହୋଇଯାଇ ଥିବାବେଳେ ସୁରକ୍ଷା ପ୍ରତି ମଧ୍ୟ ନଜର ରଖାଯାଇଛି। ମେଘନାଦ ପାଚେରି କଡ଼ରୁ ୭୫ମିଟର ପରିଧି ଅଞ୍ଚଳକୁ ସୁରକ୍ଷା ଜୋନ ଘୋଷଣା କରାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଏହି ଅଞ୍ଚଳରୁ ସମସ୍ତ ନିର୍ମାଣ ଉଚ୍ଛେଦ ଲାଗି ନିଷ୍ପତ୍ତି ନିଆଯାଇ କାମ ଆରମ୍ଭ ହୋଇଯାଇଛି । ତେବେ ନୂଆବର୍ଷ ପାଇଁ ସିଂହଦ୍ୱାର ଅଞ୍ଚଳକୁ ଦିଆଯାଇଛି ନୂଆରୂପ। ହେଲେ ଏହି ସୁରକ୍ଷା ଜୋନରେ ମଙ୍ଗଳବାର ଦେଖିବାକୁ ମିଳିଛି ଏକ ନିଆରା ଦୃଶ୍ୟ। ସାଜସଜ୍ଜା ହୋଇଥିବା ଅଞ୍ଚଳ ମଧ୍ୟରେ କେହି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋ ରଖି ସେଥିରେ ବିଜୁବାବୁଙ୍କ ଶାନ୍ତି ପୀଠ ଭାବେ ଲେଖିଛନ୍ତି। ଏହାକୁ ନେଇ ନାନା ପ୍ରକାର ଚର୍ଚ୍ଚା ଚାଲିଛି। କିଏ ଉକ୍ତ ସ୍ଥାନରେ ବିଜୁବାବୁଙ୍କ ଫଟୋ ରଖିଛନ୍ତି ଏବଂ କ’ଣ ତାଙ୍କର ଉଦ୍ଦେଶ୍ୟ ତାହା ସ୍ପଷ୍ଟ ଜଣାପଡ଼ି ନାହିଁ ।




ପୂର୍ବରୁ ସିଂହଦ୍ୱାରକୁ ଲାଗି ଯେଉଁଠାରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଥିଲା ସେହି ସ୍ଥାନରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏଠାରେ ଏକ ଡ୍ରମ ରହିଛି। ଧଳା ରଙ୍ଗ ଦିଆଯାଇଥିବା ଏହି ଡ୍ରମ୍ ଉପରେ ବିଜୁ ପଟ୍ଟନାୟକଙ୍କ ଏକ ବାଇଣ୍ଡିଂ ଫଟୋ ରଖାଯାଇଛି। ଦୁଇଟି ଫୁଲକୁଣ୍ଡକୁ ଡେରା ହୋଇ ଫଟୋ ରହିଥିବାବେଳେ ଫଟୋରେ ଗେଣ୍ଡୁ ମାଳ ବି ଦିଆଯାଇଛି । ଏକ ବଡ଼ ଦୀପ ରଖାଯାଇ ଫୁଲ ଛିଞ୍ଚାଯାଇଛି । ଦୀପଟି ଲଗାଯାଇ ନ ଥିବାବେଳେ ପାଖରେ ଦିଆସିଲି ପଡ଼ିଛି। ପଛରେ ଥିବା ଦୁଇଟି

### ଶ୍ରୀମନ୍ଦିର ସୁରକ୍ଷା ଜୋନ

ଫୁଲ କୁଣ୍ଡ ମଧ୍ୟରୁ ଗୋଟିକରେ ବଳିଆ ଏବଂ ଅନ୍ୟଟିରେ କାଳିଆ ଲେଖାଯାଇଛି। ସେହିପରି ଫଟୋ ରଖାଯାଇଥିବା ଡ୍ରମରେ ଜୟ ଜଗନ୍ନାଥ, ଦେବ ପୁରୁଷ ବିଜୁ ବାବୁଙ୍କ ଶାନ୍ତି ପୀଠ ବୋଲି ଉଲ୍ଲେଖ କରାଯାଇଛି। ଏହାକୁ ଘେରି ୪ଟି କୁଣ୍ଡ ରଖାଯାଇଛି । ତେବେ ଅପରାହ୍ନରେ ଏଭଳି ଦୃଶ୍ୟକୁ ଦେଖିବା ପାଇଁ ଲୋକେ ସେଠାରେ ଜମିଥିଲେ। ଖବର ପାଇ ପୋଲିସ ପହଞ୍ଚିଥିଲା। ତେବେ କିଏ ଏହାକୁ ଏପରି ସଜାଇ ରଖିଛନ୍ତି ତାହା ଜଣାପଡ଼ି ନ ଥିବାବେଳେ ପୋଲିସ ଲୋକଙ୍କୁ ପଚରାଉଚରା କରିଥିଲା। କିନ୍ତୁ କୌଣସି ସୁରାକ୍ ପାଇ ନ ଥିଲା। ରାତି ୮ଟା ବେଳକୁ କିନ୍ତୁ ଏହି ଦୃଶ୍ୟ ଆଉ ସେଠାରେ ଦେଖିବାକୁ ମିଳି ନ ଥିଲା। ଏ ସମ୍ପର୍କରେ ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି, କୌଣସି ବ୍ୟକ୍ତି ବିଜୁବାବୁଙ୍କ ନାଁରେ ନିଜକୁ ବିଶିଷ୍ଟ ଭାବେ ଦର୍ଶାଇବା ପାଇଁ ଏପରି କରିଥାଇପାରନ୍ତି।

# ଐତିହ୍ୟ କରିଡରକୁ ବିଭିନ୍ନ ମହଲରେ ସ୍ୱାଗତ

ପୁରୀ ଅଫିସ,୩୧।୧୨:

**ନୂଆ ରୂପରେ ସଜେଇ ହେଉଛି ଶ୍ରୀମନ୍ଦିର। ରଙ୍ଗିନ ଆଲୋକମାଳାରେ ଝଲସୁଛି ମେଘନାଦ ପାଚେରି। ଏହାସହ ସବୁଜିମାଭରା ମନୋରମ ପରିବେଶର ବାତାବରଣ ଆତ୍ମସନ୍ତୋଷ କରୁଛି। ଭକ୍ତଙ୍କ ସୁବିଧା ଲାଗି ଆକର୍ଷଣୀୟ ଅସ୍ଥାୟୀ ସେଡ ନିର୍ମାଣ କରାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ଓ ଶ୍ରୀକ୍ଷେତ୍ରର ବିକାଶ ଲାଗି ୭୫ମିଟର ଉଚ୍ଛେଦ ମଧ ଜାରି ରହିଛି। ଅନ୍ୟପକ୍ଷେ ଶ୍ରୀକ୍ଷେତ୍ର ଐତିହ୍ୟ କରିଡର ଯୋଜନା ଚିଠାକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏ ନେଇ ଭକ୍ତ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଗବେଷକଙ୍କ ମତାମତକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା।**



“ଶ୍ରୀମନ୍ଦିରର ଦୈନନ୍ଦିନ ରୀତିନୀତି ସହିତ ମଠମାନଙ୍କ ସମ୍ପର୍କ ଜଡ଼ିତ ରହିଛି। ଶ୍ରୀମନ୍ଦିରର ଐତିହ୍ୟ ବିକାଶ ପାଇଁ ମଠ, ମନ୍ଦିରଗୁଡିକର ପୁନରୁଦ୍ଧାର କରାଯିବା ଉଚିତ। ଐତିହ୍ୟ କରିଡର ଯୋଜନା ଦ୍ୱାରା ଶ୍ରୀକ୍ଷେତ୍ରର ଗୌରବ ବୃଦ୍ଧି ପାଇବ। ଏହାଦ୍ୱାରା ବିଶ୍ୱ ଦରବାରରେ ପୁରୀ ଧାମର ମାହାତ୍ମ୍ୟର ପ୍ରଚାର ପ୍ରସାର ଲାଭ କରିବ। ଶ୍ରୀକ୍ଷେତ୍ରର ବିକାଶ ସହିତ ପ୍ରାଚୀନ ମଠର ବିକାଶ ଜରୁରୀ।

**–ମହନ୍ତ ରାମଚରଣ ଦାଶ**
**କାର୍ଯ୍ୟକାରୀ ସଭାପତି, ନିଖିଳ ଉତ୍କଳ ମଠାଧୀଶ ସଂଘ**



“ଶ୍ରୀକ୍ଷେତ୍ର ଏକ ଗୌରବମୟ ମାଟି। ଐତିହାସିକ ସ୍ଥାନ। ବିଶ୍ୱ ବ୍ରହ୍ମାଣ୍ଡ ଠାକୁର ଜଗତର ନାଥ ଶ୍ରୀଜଗନ୍ନାଥ ଏଠାରେ ବିଜେ କରିଛନ୍ତି। ଶ୍ରୀମନ୍ଦିର ସୁରକ୍ଷା ଏବଂ ଶ୍ରୀକ୍ଷେତ୍ରର ଐତିହ୍ୟ ବିକାଶ କାର୍ଯ୍ୟ ସ୍ୱାଗତଯୋଗ୍ୟ। ଏଭଳି ପରିବର୍ତ୍ତନ ବହୁ ପୂର୍ବରୁ କାର୍ଯ୍ୟକାରୀ ହେବାର ଥିଲା। ରାଜ୍ୟ ସରକାରଙ୍କ ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ଜିଲା ପ୍ରଶାସନ ସହିତ ସ୍ଥାନୀୟ ଜନତା ସହଯୋଗର ହାତ ବଢାଇଛନ୍ତି। ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ କେବଳ ପର୍ଯ୍ୟଟନ ନୁହଁ ଏକ ଆଧାତ୍ମିକ ପରିବେଶର ବିକାଶ ଘଟିବ।

**–କୈଳାସ ଚନ୍ଦ୍ର ଟିକାୟତରାୟ, ଭାଷାବିତ**



“ଶ୍ରୀକ୍ଷେତ୍ର ଐତିହ୍ୟ ମାଟିର ଗାରିମା ବୃଦ୍ଧି ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀଜଗନ୍ନାଥ ହେରିଟେଜ କରିଡର ସ୍ଥାପତ୍ୟ ଚିଠା ଯୋଜନାକୁ ସର୍ବସାଧାରଣରେ ଲୋକାର୍ପିତ କରିଛନ୍ତି। ଏହା ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଶ୍ରୀକ୍ଷେତ୍ରରେ ରହିଥିବା ପ୍ରାଚୀନ ଐତିହ୍ୟ କୀର୍ତ୍ତିରାଜି ବିକଶିତ ହେବ। ସମାଜ ଆଢୁଆଳରେ ରହିଥିବା ବହୁ କୀର୍ତ୍ତିରାଜିର ପୁନରୁଦ୍ଧାର ହୋଇପାରିବ।

**–ଡ.ସୁରେନ୍ଦ୍ର ମିଶ୍ର, ଐତିହ୍ୟ ବିଶାରଦ**



“ଶ୍ରୀଜଗନ୍ନାଥକୁ ନେଇ ଓଡ଼ିଆର ପରିଚୟ। ଶ୍ରୀଜଗନ୍ନାଥ ସଂସ୍କୃତି ସର୍ବଦା ବିଶ୍ୱକୁ ମାର୍ଗଦର୍ଶନ କରୁଛି। ଶ୍ରୀମନ୍ଦିର ନିରାପତ୍ତା ଓ ସୌନ୍ଦର୍ଯ୍ୟକରଣ ଦିଗରେ ନିଆଯାଇଥିବା ପଦକ୍ଷେପ ପ୍ରଂଶସନୀୟ। ଏହାଦ୍ୱାରା ଏହି ଐତିହ୍ୟ ମାଟିର ଗୌରବ ବୃଦ୍ଧି ପାଇବା ସହ ପର୍ଯ୍ୟଟନ ଶିଳ୍ପର ମଧ ବିକାଶ ଘଟିବ। ବିଦେଶୀ ଭକ୍ତଙ୍କ ପାଇଁ ମନ୍ଦିର ପ୍ରବେଶ ନିଷେଧ ଥିବାବେଳେ ପରିକ୍ରମା କରି ଆନନ୍ଦ ଅନୁଭବ କରିବେ। ଐତିହ୍ୟ କରିଡର ଯୋଜନା ବହୁ ପୂର୍ବରୁ କାର୍ଯ୍ୟକାରୀ ହେବାର ଥିଲା। ବିଳମ୍ବରେ ହେଲେ ମଧ ସ୍ୱାଗତଯୋଗ୍ୟ।

**–ଚକ୍ରଧର ମହାପାତ୍ର, ବରିଷ୍ଠ ବୁଦ୍ଧିଜୀବୀ**



“ଶ୍ରୀକ୍ଷେତ୍ରର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ଅନନ୍ୟ। ଅନେକ ମଠ ମନ୍ଦିରର ସମାହାର ହେଉଛି ପୁରୀ। ଉତ୍କଳର ଦେବତା ହେଉଛନ୍ତି ସ୍ୱୟଂ ଶ୍ରୀଜଗନ୍ନାଥ। ଶ୍ରୀକ୍ଷେତ୍ରର ଐତିହ୍ୟ କରିଡର ଯୋଜନା ଘୋଷଣା ପୁରୀ ଲାଗି ଏକ ମାଇଲଖୁଣ୍ଟ। ଏହି ଯୋଜନା କାର୍ଯ୍ୟକାରୀ ହେଲେ ଶ୍ରୀକ୍ଷେତ୍ରର ଐତିହ୍ୟ ବିକାଶ ଲାଭ କରିବ। ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସହର। ଐତିହ୍ୟ କରିଡର ସ୍ଥାନୀୟ ଜନତାଙ୍କ ଆର୍ଥିକ ମାନଦଣ୍ଡରେ ପରିବର୍ତ୍ତନ ଆସିପାରିବ।

**–ଜୟନ୍ତୀ ମହାପାତ୍ର, ବରିଷ୍ଠ ସାମାଜିକ କର୍ମୀ**



“ଏଭଳି ବ୍ୟବସ୍ଥାକୁ ସ୍ୱାଗତ କରୁଛି। ଏହାକୁ କିପରି ଅଧିକ ଆକର୍ଷଣୀୟ କରାଯାଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି।

**–ଜୟନ୍ତ କୁମାର ଷଡ଼ଙ୍ଗୀ, ପୁରୀ ବିଧାୟକ**

**କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, କଟକ**
ନିମ୍‌ଚଉଡ଼ି, କଟକ-୭୫୩୦୦୨
ଫୋନ୍ ନଂ.(PBX) : ୦୬୭୧-୨୩୩୯୭୦୦, ଫ୍ୟାକ୍ସ-୦୬୭୧-୨୫୦୯୨୦୬

**ଦୀର୍ଘ ୬୩ ବର୍ଷଧରି ନିରବଚ୍ଛିନ୍ନ ଭାବରେ ଚାଷ ଓ ଚାଷୀର ସେବାରେ ଉତ୍ସର୍ଗୀକୃତ ସମବାୟ ବ୍ୟାଙ୍କ**

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଭୁକ୍ତ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ସମସ୍ତ ଚାଷୀଭାଇମାନଙ୍କୁ ଅନୁରୋଧ, ନିଜ ଅଞ୍ଚଳରେ ଥିବା ସେବା ସମବାୟ ସମିତିରେ ସଭ୍ୟଭୁକ୍ତ ହୋଇ କିଷାନ କ୍ରେଡ଼ିଟ କାର୍ଡ ମାଧ୍ୟମରେ ସ୍ୱଳ୍ପ ସୁଧରେ କୃଷି ଋଣ ଓ ଅନ୍ୟାନ୍ୟ ସୁବିଧା ଗ୍ରହଣ କରନ୍ତୁ। କିଷାନ କ୍ରେଡ଼ିଟ କାର୍ଡଧାରୀ ଚାଷୀଭାଇମାନେ ସମିତିରେ ଋଣ ସୁଝିବା ସମୟରେ ରାଜ୍ୟ ସମବାୟ ବ୍ୟାଙ୍କର ଛାୟା ଛବିଥିବା ରସିଦ୍ ନେବାକୁ ଭୁଲନ୍ତୁ ନାହିଁ। କୌଣସି ପରିସ୍ଥିତିରେ KCC Pass Book ଓ Cheque ବହି ସମିତି ସମ୍ପାଦକ କିମ୍ବା ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ନ ଦେଇ ନିଜେ ଆସି ଶାଖା ବ୍ୟାଙ୍କରୁ ଋଣ ଗ୍ରହଣ କରନ୍ତୁ। ଆପଣଙ୍କ ଅସାବଧାନତା ଯୋଗୁଁ ଅନ୍ୟ କେହି ଆପଣଙ୍କ ନାମରେ, ଆପଣଙ୍କ KCC Cheque ମାଧ୍ୟମରେ ଋଣ ଗ୍ରହଣ କଲେ ଏଥିପାଇଁ ଆପଣ ହିଁ ଦାୟୀ ରହିବେ। ଆପଣଙ୍କ ସ୍ୱାକ୍ଷର ଥିବା KCC ଚେକ୍ କୌଣସି ସମିତି/ବ୍ୟାଙ୍କ କର୍ମଚାରୀ ଅଥବା ତୃତୀୟ ପକ୍ଷକୁ ହସ୍ତାନ୍ତର କରନ୍ତୁ ନାହିଁ। ଯେଉଁ ଚାଷୀଭାଇମାନେ ଋଣ କିସ୍ତି ତାରିଖ କିମ୍ବା ତା ପୂର୍ବରୁ କୃଷି ଋଣ ପରିଶୋଧ ନ କରିବେ ସେମାନେ ସୁଧ ରିହାତି ହରାଇବା ସହିତ ଖିଲାପି ସୁଧ ବାର୍ଷିକ ୧୩.୭୫% ହାରରେ ପରିଶୋଧ କରିବେ।

**ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଖୋର୍ଦ୍ଧା**
**୧୦୩ ତମ ବାର୍ଷିକ ସାଧାରଣ ସଭା ନୋଟିସ୍**

**ନୋଟିସ୍ ନଂ.2496(A)** **ତା.୨୪।୧୨।୨୦୧୯ରିଖ**

ଏତଦ୍ୱାରା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧାର ସମସ୍ତ ଅଂଶୀଦାରମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୧୦୩ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା୧୦।୦୧।୨୦୨୦ରିଖ ଶୁକ୍ରବାର ପୂର୍ବାହ୍ନ ୧୧.୦୦ଘଟିକା ସମୟରେ ଖୋର୍ଦ୍ଧା ସ୍ଥିତ ବିଡିଏ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ। ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ଯୋଗଦାନକରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁରୋଧ।

**ସଭାପତିଙ୍କ ନିର୍ଦ୍ଦେଶକ୍ରମେ**
**ସ୍ୱା./- ସୁବାଷ ଚନ୍ଦ୍ର ମିଶ୍ର**
**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**

**କାର୍ଯ୍ୟସୂଚୀ-**
୧. ତା.୦୭।୦୩।୨୦୧୯ ରିଖରେ ଅନୁଷ୍ଠିତ ହୋଇଥିବା ୧୦୨ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ। ୨. ୨୦୧୮–୧୯ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ। ୩. ଗତ ୨୦୧୮–୧୯ବର୍ଷର ସମୀକ୍ଷା ପତ୍ର ଓ ତତ୍ ସଂଲଗ୍ନ ଆୟ, ବ୍ୟୟ, ପ୍ରାପ୍ୟ, ଦେୟ ହିସାବ ପଠନ ଓ ଅନୁମୋଦନ। ୪. ୨୦୧୮–୧୯ବର୍ଷର ନିଟ୍ ଲାଭର ବିନିଯୋଗ ପ୍ରସ୍ତାବ ଗ୍ରହଣ। ୫. ବ୍ୟାଙ୍କର ଆଗାମୀ ୨୦୨୦–୨୧ବର୍ଷର ଆୟ ବ୍ୟୟ ଅଟକଳ(ବଜେଟ୍) ଅନୁମୋଦନ। ୬. ଆଗାମୀ ୨୦୨୦–୨୧ବର୍ଷ ପାଇଁ ବ୍ୟବସାୟିକ ଅଭିବୃଦ୍ଧି ଯୋଜନା ପଠନ ଓ ଦୃଢୀକରଣ। ୭. ବ୍ୟାଙ୍କର ଏକକାଳୀନ ଋଣ ପରିଶୋଧ ଯୋଜନାରେ ଚଳିତ ବର୍ଷର କ୍ଷତିର ଭରଣା ଓ ଏହି ଯୋଜନା ୨୦୨୦–୨୧ବର୍ଷ ନିମିତ୍ତ କାର୍ଯ୍ୟକାରୀ କରିବା ପ୍ରସ୍ତାବ ଅନୁମୋଦନ। ୮. ବୃତାନ୍ତ ‘କ’ ଶ୍ରେଣୀ ସଭ୍ୟ ଅନୁମୋଦନ। ୯. ବ୍ୟାଙ୍କର ଅନାଦେୟ ଋଣ ଆଦାୟ ନିମନ୍ତେ SARFAESI Act-2002 କାର୍ଯ୍ୟକାରୀ କରିବାର ଅନୁମୋଦନ। ୧୦. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)

ପରିପତ୍ର ନଂ.2497 (A) ତାରିଖ: ୨୪।୧୨।୨୦୧୯

ଏହାର ଏକକିତା ନକଲ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ସମସ୍ତ ଅଂଶୀଦାର ଓ ସମିତି ସମ୍ପାଦକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

**ସ୍ୱା./- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**

ବି.ଦ୍ର.- ପ୍ରକାଶ ଥାଉକି ବିଡିଏ କଲ୍ୟାଣ ମଣ୍ଡପ, ଖୋର୍ଦ୍ଧାଠାରେ ଉକ୍ତ ଦିନ ସକାଳ ୯.୩୦ ଘଟିକାଠାରୁ ନାମ ପଞ୍ଜୀକରଣ କରାଯିବ। ପ୍ରତ୍ୟେକ ସଭ୍ୟ ସମିତିର ସଭାପତି / ଉପସଭାପତି / ସଭ୍ୟ ଏଥି ସହ ସଂଲଗ୍ନିତ ନମୁନା ନିର୍ଦ୍ଧାରଣ ସହିତ ସାଧାରଣ ସଭାରେ ପ୍ରତିନିଧିତ୍ୱ କରିବା ପାଇଁ ପଠାଇବେ।